

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 JANUARY 2023
Vol.No. 34 ■ No. 16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୨୪ ପାଇଁ ମିଶନ ଆରମ୍ଭ କଲା ବିଜେପି



ନୂଆଦିଲ୍ଲୀ,୧୬/୦୧ : ରାଜଧାନୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶାଳ ରୋଡ୍ ସୋ' ସହ ଆରମ୍ଭ ହୋଇଛି ବିଜେପିର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀ । ଯାହାର ଫୋକସ୍‌ରେ ରହିଛି ମିଶନ ୨୦୨୪ ସାଧାରଣ ନିର୍ବାଚନ ସହ ଚଳିତ ବର୍ଷ ହେବାକୁ ଥିବା ୯ ରାଜ୍ୟରେ ବିଧାନସଭା । ଭୋଟ୍ ପାଇଁ ପ୍ରସ୍ତୁତ ହେଉଛି ଷ୍ଟ୍ରାଟେଜି । ମୋଦିଙ୍କ ନେତୃତ୍ୱରେ ଦଳକୁ ପୁଣି କେନ୍ଦ୍ରରେ କ୍ଷମତାସୀନ କରାଇବା ଓ ୨୪ ଇଲେକ୍ସନ ପୂର୍ବରୁ ସେମି ଫାଇନାଲ୍ ଭାବେ ବିବେଚନା କରାଯାଉଥିବା ୯ରାଜ୍ୟରେ ବି ପଦ୍ମ ଫୁଟାଇବାକୁ ଚାଲିଛି ମାନସ ମନ୍ଥନ । ଚଳିତ ବର୍ଷ ରାଜସ୍ଥାନ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ତ୍ରିପୁରା, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ଛତିଶଗଡ଼ ସହ ତେଲେଙ୍ଗାନାରେ ହେବ ବିଧାନସଭା ନିର୍ବାଚନ । ଏହାବାଦ୍ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀରରେ ବି ହୋଇପାରେ ଇଲେକ୍ସନ । ଏ ସବୁ ରାଜ୍ୟରେ ଯେପରି ପଦ୍ମ ଫୁଟିବ ସେଥିପାଇଁ ଦିଲ୍ଲୀସ୍ଥିତ ପାର୍ଟି ମୁଖ୍ୟାଳୟରେ ଆଜିଠୁ ଆରମ୍ଭ ହୋଇଥିବା ଦୁଇଦିନିଆ ରାଷ୍ଟ୍ରୀ କାର୍ଯ୍ୟକାରିଣୀରେ ଚାଲିଛି ମାନସ ମନ୍ଥନ । ଏଥିସହ ମୋଦିଙ୍କ ନେତୃତ୍ୱରେ ୨୪ ସାଧାରଣ ନିର୍ବାଚନରେ ପୁଣି ଥରେ ଦଳ କିଭଳି ବହୁମତ ହାସଲ କରି କ୍ଷମତା ବଜାୟ ରଖିବ, ସେଥିପାଇଁ ବି ଚାଲିଛି ଷ୍ଟ୍ରାଟେଜି ମେକିଂ । ଦଳର ସମସ୍ତ ପ୍ରଦେଶ ଅଧକ୍ଷ, ସଂଗଠନ ମହାମନ୍ତ୍ରୀ ଓ ପ୍ରଭାରୀମାନଙ୍କୁ ମଞ୍ଚ ଉପରୁ ଗୁରୁମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା । ଅନ୍ୟପଟେ ଜାନୁଆରୀ ୨୦ରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ସରୁଛି । ତେଣୁ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଆଗାମୀ ନିର୍ବାଚନ ପାଇଁ ବଢ଼ାଯାଇପାରେ ବୋଲି କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହୋଇପାରେ । ସେହିପରି ବରିଷ୍ଠ ନେତାଙ୍କୁ ସଂଗଠନ ଦାୟିତ୍ୱ ଦିଆଯାଇପାରେ । କାର୍ଯ୍ୟକାରିଣୀ ବୈଠକ ପରେ ଅର୍ଥାତ ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରୀମଣ୍ଡଳ ଅଦଳବଦଳ ହେବା ନେଇ ଚର୍ଚ୍ଚା ହେଉଛି । କିଛି ହେଭିୱେଟ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇ ସଂଗଠନ ଦାୟିତ୍ୱ ଦିଆଯାଇପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । କୁହାଯାଉଛି, ଗୁଜରାଟରେ ଭଲ ପ୍ରଦର୍ଶନ କରିଥିବା କିଛି ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସୁଯୋଗ ମିଳିପାରେ । ଅନ୍ୟପଟେ ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ସେହି ରାଜ୍ୟର କିଛି ସାଂସଦଙ୍କୁ ମନ୍ତ୍ରିମଣ୍ଡଳରେ ମଧ ସାମିଲ କରାଯାଇପାରେ ।

# ଓଡ଼ିଶା ଉପରେ କେସିଆରଙ୍କ ନଜର : ଗମାଙ୍ଗ ପରେ ଭେଟିଲେ ପାଙ୍ଗୀ



ଭୁବନେଶ୍ୱର,୧୬/୦୧ (ନି.ପ୍ର): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ନେତୃତ୍ୱାଧୀନ 'ଭାରତ ରାଷ୍ଟ୍ର ସମିତି' (ବିଆରଏସ) ଏବେ ତେଲଗୁ ଭାଷାଭାଷୀ ଲୋକମାନେ ରହୁଥିବା ଦେଶର ବିଭିନ୍ନ ଅଂଚଳରେ ନିଜର ଉପସ୍ଥିତି ଜାହିର କରିବାକୁ ରଣନୀତି ପ୍ରସ୍ତୁତ କରିଛି । ଗତ ୪ଦିନ ମଧରେ ଓଡ଼ିଶାର ୨ଜଣ ବରିଷ୍ଠ ଆଦିବାସୀ ନେତାଙ୍କୁ ସାକ୍ଷାତ କରି ବିଆରଏସ୍ ମୁଖ୍ୟ କେସିଆର ତାଙ୍କର ଓଡ଼ିଶା ସମ୍ପ୍ରସାରଣର ଆଭାସ ଦେଇଛନ୍ତି । ବିଶେଷକରି ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ରହୁଥିବା ତେଲଗୁ ଭାଷାଭାଷୀ ଲୋକଙ୍କ ସହଯୋଗରେ ଓଡ଼ିଶାରେ ନିଜର ରାଜନୀତିକ ଉପସ୍ଥିତି ଜାହିର କରିବାକୁ ବିଆରଏସ୍ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ବିଆରଏସ୍ ମୁଖ୍ୟ କେସିଆରଙ୍କୁ ଅବିଭକ୍ତ ଜିଲ୍ଲାର ବରିଷ୍ଠ ଆଦିବାସୀ ନେତା ଜୟରାମ ପାଙ୍ଗୀ ସାକ୍ଷାତ କରିଛନ୍ତି । ଶ୍ରୀ ପାଙ୍ଗୀ ନିଜେ ଏହି ସାକ୍ଷାତ ସମ୍ପର୍କରେ ସୂଚନା ଦେଇଥିଲେ ମଧ ବିଆରଏସ୍ ପାର୍ଟିରେ ଯୋଗ ଦେବେ କି ନାହିଁ ସେ ନେଇ କିଛି ସ୍ୱଷ୍ଟ କରିନାହାନ୍ତି । ତେବେ ତାଙ୍କର ମିଶିବାକୁ ନେଇ ପ୍ରଶ୍ନର ଉତ୍ତରରେ 'ସମୟ କହିବ' କହି ସେ ରାଜନୀତିକ ଚର୍ଚ୍ଚାକୁ ଉନ୍ମୁକ୍ତ ରଖିଛନ୍ତି । ଶ୍ରୀ ପାଙ୍ଗୀ ୨୦୧୭ ମେ' ମାସରେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପରାଜୟ ପରେ ଦଳରେ ନିଜକୁ ଅଣଦେଖା ଅଭିଯୋଗ ଆଣି ୨୦୨୨ ଏପ୍ରିଲ ମାସରେ ବିଜେପିରୁ ଇସ୍ତଫା ଦେଇଥିଲେ । ସେବେଠୁ ଶ୍ରୀ ପାଙ୍ଗୀ କୌଣସି ଦଳରେ ସାମିଲ ନହୋଇ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ଗଢ଼ି ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ▶▶ପୃଷ୍ଠା ୭

## ୨ ଦିନ ଯାଏଁ ଉତ୍ତର ଓଡିଶାରେ ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୬/୦୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଓ ବୁଧବାର ଦୁଇ ଦିନ ପାଇଁ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ସେହିପରି ଦୁଇଦିନ ପାଇଁ ଘନ କୁହୁଡ଼ି ଦେଖାଯିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଉତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ବର୍ଷା ହୋଇପାରେ । ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୧୮ ତାରିଖରେ କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି । ତେବେ ଅନ୍ୟ ଜିଲ୍ଲାମାନଙ୍କରେ ଶୁଖିଲା ପାଗ ରହିବ । ଅପରପକ୍ଷରେ ଘନ କୁହୁଡି ସମ୍ଭାବନା ଥିବାରୁ ୨୪ ଘଂଟା ପାଇଁ ୭ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଏହି ଜିଲ୍ଲାଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ଗଂଜାମ ଜିଲ୍ଲାରେ ଘନ କୁହୁଡ଼ି ସମ୍ଭାବନା ରହିଛି । ଏହି ସମୟରେ ୫୦ରୁ ୨୦୦ ମିଟର ଭିଜିବିଲିଟି ରହିପାରେ ।

# ଜାନୁଆରୀ ୨୪ରେ ହେବ ଦିଲ୍ଲୀ ମେୟର ନିର୍ବାଚନ



ନୂଆଦିଲ୍ଲୀ,୧୬/୦୧ : ଦେଶର ରାଜଧାନୀ ଦିଲ୍ଲୀ ମହାନଗର ନିଗମ(ଏମସିଡି)ର ମେୟର ନିର୍ବାଚନ ଜାନୁଆରୀ ୨୪ରେ ଅନୁଷ୍ଠିତ ହେବ । ଉପ ରାଜ୍ୟପାଳ ଭିକେ ସକ୍ସେନାଙ୍କ ଅନୁମତିକ୍ରମେ ନବ ନିର୍ବାଚିତ କର୍ପୋରେଟରଙ୍କ ବୈଠକ ବସିବ । ଏହି ସମୟରେ ହିଁ ମେୟର ନିର୍ବାଚନ ହେବ । ଜାନୁଆରୀ ୨୪ରେ ପ୍ରଥମେ ନବ ନିର୍ବାଚିତ କର୍ପୋରେଟରମାନେ ଶପଥ ଗ୍ରହଣ କରିବେ । ଏହାପରେ ମେୟର, ଡେପୁଟି ମେୟର ଓ ୬ ଜଣିଆ ଷ୍ଟାଣ୍ଡିଂ କମିଟି ସଦସ୍ୟ ପାଇଁ ମତଦାନ ହେବ । ପୂର୍ବଥର ନବ ନିର୍ବାଚନ କର୍ପୋରେଟରଙ୍କ ବୈଠକ ବେଳେ ବେଶ ହଙ୍ଗାମା ହୋଇଥିଲା । ଏଥିପାଇଁ ମେୟର ନିର୍ବାଚନକୁ ଜାନୁଆରୀ ୩୦କୁ ଘୁଞ୍ଚାଇ ଦିଆଯାଇଥିଲା । କିନ୍ତୁ ଏବେ ଉପ ରାଜ୍ୟପାଳ ୨୪ ଜାନୁଆରୀରେ ବୈଠକ ଡାକିବା ସହ ମେୟର ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଏମସିଡିର ଆସନ ସଂଖ୍ୟା ୨୫୦ । ବିଜେପିର ୭ ଲୋକସଭା ସାଂସଦ, ଆପ୍‌ର ୩ ଜଣ ରାଜ୍ୟ ସଭା ସାଂସଦ ଓ ଦିଲ୍ଲୀ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ମନୋନୀତ ୧୪ ଜଣ ବିଧାୟକ ମିଳିତ ଭାବେ ମେୟର ଓ ଡେପୁଟି ମେୟର ନିର୍ବାଚନରେ ଅଂଶଗ୍ରହଣ କରିବେ । ଦିଲ୍ଲୀ ବିଧାନସଭାର ବାଚସ୍ପତି ଆପ୍‌ରୁ ୧୩ ଜଣ ଓ ବିଜେପିର ଜଣେ ବିଧାୟକଙ୍କୁ ମନୋନୀତ କରିଛନ୍ତି । ୨୫୦ ଆସନରୁ ଆପ୍ ୧୩୪ରେ ଜିତିଛି । ବିଜେପି ୧୦୪ ଆସନ ଦଖଲ କରିଥିବା ବେଳେ କଂଗ୍ରେସ ୯ଟି ଓ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ବାଜିମାତ କରିଛନ୍ତି । କଂଗ୍ରେସର ୯ ଜଣ କର୍ପୋରେଟର ଭୋଟିଂ ପ୍ରକ୍ରିୟାରେ ସାମିଲ ହେବେନି ବୋଲି କହି ସାରିଛନ୍ତି । ସିକ୍ରେଟ ବାଲାଟରେ କର୍ପୋରେଟରମାନେ ଭୋଟ ଦେବେ । ଏହି ନିର୍ବାଚନରେ ଦଳବଦଳ ନିରୋଧ ଆଇନ ମଧ ଲାଗୁ ହେବନି ।

# ଛୁଆକୁ ମାରି ସାବତ ମା'ର ଆତ୍ମହତ୍ୟା !



ଭୁବନେଶ୍ୱର,୧୬/୦୧ (ନି.ପ୍ର): କଟକ ଶ୍ରୀରାମ ନଗର ଅଞ୍ଚଳରେ ଘଟିଛି ଏହି ଛାତି ଥରାଇ ଦେବା ଭଳି ଅଭାବନୀୟ ଘଟଣା । ଏହି ଘଟଣା ଯେତିକି ବିଭତ୍ସ ସେତିକି ହୃଦୟବିଦାରକ । ମାତ୍ର ୩ବର୍ଷର କଅଁଳ କୁନି ପୁଅକୁ ମାରିବା ପରେ ସାବତ ମା' ନିଜ ଶାଢ଼ୀରେ ଝୁଲିପଡି ଆତ୍ମହତ୍ୟା କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି । ବାରମ୍ବାର କଲ କରିବା ପରେ ଫୋନ୍ ନଉଠାଇବାରୁ ଭଡାଘର ନିକଟରେ ପହଞ୍ଚିଥିଲେ, ମୃତ ଶିଳ୍ପୀଙ୍କ ଭଉଣୀ । ଘର ଖୋଲିବାକୁ ବାରମ୍ବାର କବାଟ ବାଡେଇ ଥିଲେ । ହେଲେ, ଘର ନଖୋଲିବାରୁ ସନ୍ଦେହ ବଢ଼ିଥିଲା । କିଛି ଅଘଟଣର ଆଶଙ୍କା କରି ପୁଲିସକୁ ଜଣାଇଥିଲେ । ଖବର ପାଇ ପହଞ୍ଚିଥିଲା ପୋଲିସ । ଆଉ ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ତାଡି ଭିତରକୁ ପଶିଥିଲା । ହେଲେ, ଘର ଭିତରେ ଯାହା ଦେଖିଥିଲେ ତାହା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା । ଶାଢ଼ୀରେ ଝୁଲି ରହିଥିଲେ ମା ଶିଳ୍ପୀ ଓ ତଳେ ପଡିଥିଲା କୁନି ପୁଅ । ▶▶ପୃଷ୍ଠା ୭

## ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୧୬/୦୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ଠାରୁ ହେବାକୁ ଥିବା ବସ୍ ଧର୍ମଘଟ ସ୍ଥଗିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟକୁ ସ୍ଥଗିତ ରଖିବାକୁ ନିଷ୍ପତି ନେଇଛି । ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଆମର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଥିଲା । ୧୦ଟି ରୁ ସରକାର ୩ଟି ଦାବି ମାନିଛନ୍ତି । ବାକି ଦାବି ଗୁଡିକ ମାର୍ଚ୍ଚ ୩୧ ସୁଦ୍ଧା ପୂରଣ ପାଇଁ ପ୍ରତିଶ୍ରୁତି ମିଳିଛି । ଏହି ସମୟ ସୁଦ୍ଧା ଦାବି ପୂରଣ ନହେଲେ ପୁନଶ୍ଚ ଏପ୍ରିଲ ମାସରୁ ଧର୍ମଘଟ ହେବ । ସ୍କ୍ରାପିଂ ପଲିସିକୁ ୧୫ ରୁ ୨୦ ବର୍ଷକୁ ବଢାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଦିନ ସମୟରେ ସ୍ଲିପର କୋଚ ଚଳାଇବା ଏବଂ ଟ୍ରାନ୍ସଫର ଅଫ ପରମିଟ ଭଳି ଦାବି ପୂରଣ ହୋଇଛି । ଆସନ୍ତାକାଲିଠାରୁ ବସ ଚଳାଚଳ ପୁଣି ସ୍ୱାଭାବିକ ଭାବେ ଚାଲିବ । ସୂଚନାଯୋଗ୍ୟ ଯେ ୧୦ ଦଫା ଦାବି ନେଇ ଘରୋଇ ବସ୍ ମାଲିକ ସଂଘ ଜାନୁଆରୀ ୧୭ ତାରିଖରୁ ଧର୍ମଘଟକୁ ଓହ୍ଲାଇବାକୁ ଘୋଷଣା କରିଥିଲା ।

## ୧୯ରୁ କୋଭିଡ୍ ଟିକାଦାନ ଅଭିଯାନ




ଭୁବନେଶ୍ୱର,୧୬/୦୧ (ନି.ପ୍ର): ଆସନ୍ତା ୧୯ ତାରିଖରୁ ରାଜ୍ୟରେ ପୁଣି କୋଭିଡ୍ ଟିକାଦାନ ଅଭିଯାନ ଆରମ୍ଭ ହେବ । ପୂର୍ବ ପରି ଗ୍ରାମାଂଚଳ ଓ ସହରାଂଚଳରେ ନିର୍ଦ୍ଧାରିତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟିକା ଦିଆଯିବ । ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ କୋଭିସିଲ୍ଡ ଉପଲବ୍ଧ ହେବ । ଦ୍ୱିତୀୟ ଏବଂ ପ୍ରିକସନ୍ ଡୋଜ୍ ନେଇନଥିବା ବ୍ୟକ୍ତି ଟିକା ନେଇପାରିବେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି ।

# ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଲାଗିଲା ପିଏମ ଆବାସ ହିତାଧିକାରୀଙ୍କ ତାଲିକା




ଭୁବନେଶ୍ୱର,୧୬/୦୧ (ନି.ପ୍ର): ପଞ୍ଚାୟତ କାନ୍ଥରେ 'ପ୍ରଧାନମନ୍ତ୍ରୀ ଆବାସ' ତାଲିକା । ବଢ଼ିଲା ଯୋଗ୍ୟ-ଅଯୋଗ୍ୟ ବିବାଦ । ଅଯୋଗ୍ୟ ଚିହ୍ନଟ ପାଇଁ ଲାଗିବ ଅଭିଯୋଗ ବାକ୍ସ । କୋରାପୁଟ ଆମ୍ବାଗୁଡ଼ାରୁ ଆସିଥିବା ଦୃଶ୍ୟରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ଲାଗିବା ପରେ ଜମିଛି ଭିଡ଼ । କାହାର ନାଁ ରହିଲା, କାହାର କଟିଲା ଜାଣିବା ପାଇଁ ବାସହୀନ ଗରିବ ଲୋକଙ୍କ ଭିତରେ ଥିବା ଉତ୍କଣ୍ଠା ଏହି ଭିଡରୁ ବାରି ହେଉଛି । ଏହାରି ଭିତରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କୁହାଯାଇଛି – ତାଲିକାରେ ଅଯୋଗ୍ୟ ହିତାଧିକାରୀ ଥିଲେ ଏ ନେଇ ଅଭିଯୋଗ କରାଯାଇପାରିବ । ଏଥିପାଇଁ ସ୍ୱତନ୍ତ୍ର ଟୋଲ ଫ୍ରି ନମ୍ବର ଓ ଅନଲାଇନ ମାଧ୍ୟମରେ ଅଭିଯୋଗ କରିହେବ । ଏଥିସହିତ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଏହିଭଳି ଅଭିଯୋଗ ବାକ୍ସ ରହିବ । ତେଣୁ ଦଳୀୟ ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ହେଉଥିବା ନେଇ ଯେଉଁ ଅଭିଯୋଗ ରହିଛି, ସେଥିରେ ସ୍ୱଚ୍ଛତା ଆସିପାରିବ ବୋଲି କୁହାଯାଉଛି । ତେବେ ବିଜେପିର କହିବା ହେଲା ଅଭିଯୋଗକାରୀଙ୍କ ତଥ୍ୟ ଗୋପନ ରଖାଯାଉ, ନହେଲେ ଗାଁ-ଗାଁରେ ଗଣ୍ଡଗୋଳ ହେବ । ଘରେ ନପଶୁଣୁ ଚାଳ ବାଜିବା ଭଳି ପଞ୍ଚାୟତ କାନ୍ଥରେ ପିଏମ ଆବାସ ଯୋଜନାର ସମ୍ଭାବ୍ୟ ତାଲିକା ଲାଗିବା ପରେ ଅସନ୍ତୋଷ ଦେଖାଦେଇଛି । ବର୍ଷ ବର୍ଷ ଧରି ଘର ଖଣ୍ଡିଏ ପାଇବାକୁ ଅପେକ୍ଷା କରିଥିବା ଲୋକଙ୍କ ନାଁ ତାଲିକାରେ ନାହିଁ । ଅବସ୍ୟ ଅଭିଯୋଗ ପରେ ଗ୍ରାମସଭା କରି ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ରହିଛି । ହେଲେ କୋରାପୁଟ ଆମ୍ବାଗୁଡାରେ ଅସନ୍ତୁଷ୍ଟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଚଳାଇ ନଦେବାକୁ ଚେତାବନୀ ଦେଇଛନ୍ତି । ହିତାଧିକାରୀଙ୍କ ଘର ଆଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲୋଗୋ ରହିବ । କିନ୍ତୁ ବିଜୁ ପକ୍କାଘରର ଲୋଗୋ ରହିବ କି ନାହିଁ, ତାହା ସ୍ୱଷ୍ଟ କରିନାହାନ୍ତି ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ । ଏହାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୈତିକ ବୟାନବାଜି । ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ଦିନରୁ ଲୋଗୋ ଏବଂ ଯୋଗ୍ୟ, ଅଯୋଗ୍ୟ ହିତାଧିକାରୀକୁ ନେଇ ରାଜନୈତିକ ବିବାଦ ରହିଆସିଛି । ଆଗକୁ ନିର୍ବାଚନୀ ବର୍ଷ ଥିବାରୁ ବାସହୀନ ଗରିବ ହିତାଧିକାରୀଙ୍କୁ ଘର ଖଣ୍ଡିଏ କରିବାକୁ ସରକାରୀ ସହାୟତା କିଏ ଦେଉଛି, ତାକୁ ନେଇ ରାଜନୀତି ଆହୁରି ଜୋରଦାର ହେବାର ସଙ୍କେତ ମିଳୁଛି ।,

# ପାକିସ୍ତାନରେ ଆର୍ଥିକ ସଙ୍କଟର ଉତ୍କଟ ଚିତ୍ର : ୩ହଜାର ଟଙ୍କାରେ ବିକ୍ରି ହେଉଛି ୧ କିଲୋ ଅଟା



ନୂଆଦିଲ୍ଲୀ,୧୬/୦୧ : ଭୟଙ୍କର ଆର୍ଥିକ ସମସ୍ୟା ଦେଇ ଗତି କରୁଛି ପାକିସ୍ତାନ । ଏଥିସହ ଦେଶରେ ଦେଖିବାକୁ ମିଳିଛି ଖାଦ୍ୟ ସମସ୍ୟା । ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ ଅଟାର ମୂଲ୍ୟ ଆକାଶଛୁଆଁ ହୋଇଛି । ଯାହା ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି । ଦେଶରେ ଅଟା ଏକ ପ୍ୟାକେଟ୍ ୩ ହଜାର ଟଙ୍କାରେ ପହଁଚି ସାରିଲାଣି । ଏଭଳି ସ୍ଥିତିରେ ଗରିବ ଲୋକଙ୍କ ପାଇଁ ସବ୍ସିଡିରେ ଅଟା ଯୋଗାଇ ଦେଉଛନ୍ତି ସରକାର । ଆଉ ଏହି ସବସିଡି ଅଟା କିଣିବା ପାଇଁ ବାଡିଆବାଡି ପରିସ୍ଥିତି ସୃଷ୍ଟି ହୋଇଛି । ସୋସିଆଲ ମିଡିଆରେ ଏଭଳି ଅନେକ ଦୃଶ୍ୟ ସାମ୍ନାକୁ ଆସିଛି । ଅଟା ଟ୍ରକ୍ ପଛରେ ମୋଟରସାଇକେଲରେ ଗୋଡାଉଛନ୍ତି ଲୋକେ । ୫ କେଜିଆ ଅଟା ବସ୍ତା ପାଇଁ ବାଇକ୍ ରାଲି ଭଳି ଚିତ୍ର ସାମ୍ନାକୁ ଆସିଛି । ସେହିପରି ଗୋଟିଏ ବସ୍ତା ଅଟା ପାଇଁ ଲୋକଙ୍କ ଭିତରେ ଟଣା ଓଟରା ସ୍ଥିତି ଦେଖିବାକୁ ମିଳିଛି । ପାକିସ୍ତାନର ବଡ ବଡ ସହର କରାଚି, ଇସଲାମାବାଦରେ ଅଟା କେଜି ପିଛା ୧୪୦ରୁ ୧୬୦ ପାକିସ୍ତାନି ଟଙ୍କାରେ ବିକ୍ରି ହେଉଛି । ସେପଟେ ଅନ୍ୟ ସହର ଗୁଡିକରେ ଖୋଲାବଜାରରେ ଅଟା ମୂଲ୍ୟ ନକହିବା ଭଲ । ଅଟାର ସଙ୍କଟ ଦେଖି ସରକାର ଭିନ୍ନ ଭିନ୍ନ ସ୍ଥାନରେ ସବସିଡି ମୂଲ୍ୟରେ ଅଟା ଯୋଗାଇ ଦେଉଛନ୍ତି । ହେଲେ ତାହା ପର୍ଯ୍ୟାପ୍ତ ନଥିବା ଦେଖିବାକୁ ମିଳିଛି । ୨୦୨୨ରେ ବନ୍ୟା ପାଇଁ ଗହମ ଉତ୍ପାଦନ ଭୟଙ୍କର ଭାବେ ପ୍ରଭାବିତ ହୋଇଛି । ଯାହା ଫଳରେ ଦେଶରେ ଅଟା ସଂକଟ ଦେଖିବାକୁ ମିଳିଛି । ସେପଟେ ଆର୍ଥିକ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କ ପ୍ରତିକ୍ରିୟା । ଶହବାଜ ସରିଫ କହିଛନ୍ତି ଆମେ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇଥିଲେ ମଧ ଜଟିଳ ଆର୍ଥିକ ସଙ୍କଟ ପାଇଁ ଅନ୍ୟ ଦେଶଠାରୁ ▶▶ପୃଷ୍ଠା ୭

# ଆବାସ ଯୋଜନାରେ ନା ଆସିବା ପୂର୍ବରୁ ମୁହାଁମୁହିଁ ବିଜେଡ଼ି-ବିଜେପି

ଭୁବନେଶ୍ୱର,୧୬/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋଗୋ ଲାଗିବାକୁ ନେଇ ବିଜେପି-ବିଜେଡି ମୁହାଁମୁହିଁ । ଯୋଗ୍ୟ ହିତାଧିକାରୀ ଆବାସ ନପାଇବେ, ତେବେ ନବୀନ ନିବାସ ଘେରାଉ କରିବାକୁ ବିଜେପି ଚେତାବନୀ ଦେଇଛି । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୦୧୮ ଓ ୨୦୧୯ରେ ଦଳୀୟ ଆଧାରରେ ତାଲିକା ଆସିଥିଲା । ହେଲେ ରାଜ୍ୟ ସରକାର ଚଞ୍ଚକତା କରି ଦଳୀୟ ଆଧାରରେ ବାଣ୍ଟିବାକୁ ଉଦ୍ୟମ କରୁଛନ୍ତି । କେବଳ ବିଜୁ ଜନତା ଦଳ ସହ ସଂପୃକ୍ତ ଲୋକମାନଙ୍କୁ ପକ୍କା ଘରେ ସାମିଲ କରାଯାଇଛି । ଯେଉଁମାନେ ଅନ୍ୟ ଦଳ ସହ ସଂପୃକ୍ତ କିମ୍ବା ସାଧାରଣ ଲୋକ, ସେମାନଙ୍କ ନାଁ ସାମିଲ କରାଯାଇନଥିବା ପୃଥ୍ୱୀରାଜ କହିଛନ୍ତି । ଅନ୍ୟପଟେ ଏହାର ଜବାବ ରଖିଛି ବିଜେଡି । ବିଜେଡି କହିଛି, ବିଜେପିର କାମ ହେଉଛି ଅଭିଯୋଗ କରିବା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ୬୦ ପ୍ରତିଶତ ଦେଉଥିଲେ ବି ରାଜ୍ୟ ସରକାର ୫୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରୁଛନ୍ତି । ତେଣୁ ଆବାସ ଯୋଜନାରେ ଓଡ଼ିଶା ସରକାରଙ୍କ ଲୋଗୋ ରହିଲେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରିଛି ବିଜେଡି । ବିଜେଡି କେବେ ବି କେନ୍ଦ୍ର ସରକାରଙ୍କ ଯୋଜନାକୁ ହାଇଜ୍ୟାକ କରୁନାହିଁ । ବରଂ ସେମାନେ ଆମ ଯୋଜନାକୁ କପି କରୁଥିବା ବିଜେଡି ଅଭିଯୋଗ ଆଣିଛି । ସେପଟେ କଂଗ୍ରେସ ଉଭୟ ବିଜେପି ଓ ବିଜେଡି ଉପରେ ବର୍ଷିଛି । କଂଗ୍ରେସ କହିଛି, ବିଜେଡି ତା'ର କର୍ମୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ବାଣ୍ଟୁଛି । ପ୍ରକୃତ ହିତାଧିକାରୀଙ୍କୁ ଘର ମିଳିବା ଦରକାର ବୋଲି କଂଗ୍ରେସ କହିଛି । ଯଦି ଆଗକୁ ହିତାଧିକାରୀଙ୍କୁ ଘର ମିଳେ, ତାହେଲେ ବଡ଼ ବିପ୍ଳବ ହେବ ବୋଲି କଂଗ୍ରେସ କହିଛି ।

# ବିପଦରେ ମହାବଳ: ୧୨ ଦିନରେ ଦେଶରେ ମଲେଣି ୭

ଭୁବନେଶ୍ୱର, ୧୬/୦୧ (ନି.ପ୍ର): ୨୦୨୨ରେ ଦେଶରେ ୧୧୭ ମହାବଳ ବାଘଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରେ ଓଡ଼ିଶାର ଦୁଇଟି ରହିଛନ୍ତି। ମେ' ୧୯ରେ ବାରିପଦା ସର୍କଲର କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ୍‌ର ବ୍ରାହ୍ମଣୀପାଳ ରେଞ୍ଜର ଏକ ଗ୍ରାମରେ ଗୋଟିଏ ବାଘର ମୃତ୍ୟୁ ହୋଇଥିଲା। ଉକ୍ତ ମହାବଳ ବୟସ୍କ ହୋଇଥିବା ବେଳେ ଲିଙ୍ଗ ସମ୍ପର୍କରେ କିଛି ବି ଜଣାପଡ଼ି ନ ଥିଲା। ମାସକ ତଳେ ତଥା ଡିସେମ୍ବର ୧୪ରେ ବାରିପଦା ଟେରିଟୋରିଆଲ୍ ଡିଭିଜନର ଉଦଳା ରେଞ୍ଜର ରାଜ୍ୟ ରାଜପଥ-୧୯ ନିକଟ ରାସ୍ତାପାର୍ଶ୍ୱରେ ଗୋଟିଏ ମହାବଳର ମୃତ୍ୟୁ ହୋଇଛି। ଉକ୍ତ ମହାବଳର ପ୍ରଜାତି ଓ ବୟସ ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନାହିଁ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

କେନ୍ଦ୍ର ସରକାରଙ୍କ ଅଧୀନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ତଥ୍ୟ ଅନୁଯାୟୀ ୨୦୨୨ରେ ମରିଥିବା ୧୧୭ ବାଘଙ୍କ ମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୩୪ଟି ବାଘ ରହିଛନ୍ତି, ଯାହାକି ଗତବର୍ଷ ତୁଳନାରେ କମ୍। ୨୦୨୧ ତୁଳନାରେ ୨୦୨୨ରେ ମହାରାଷ୍ଟ୍ରରେ ମହାବଳଙ୍କ ମୃତ୍ୟୁ ସଂଖ୍ୟା ୨୬ରୁ ୨୮କୁ ବୃଦ୍ଧି ପାଇଛି। କର୍ଣ୍ଣାଟକରେ ୧୫ଟି ମହାବଳଙ୍କ ମୃତ୍ୟୁ ହୋଇଥିବା ବେଳେ କେରଳରେ ୭, ଉତ୍ତରାଖଣ୍ଡରେ ୬, ଆସାମ ଓ ରାଜସ୍ଥାନରେ ୫ଟି ଲେଖାଏ ବାଘଙ୍କ ମୃତ୍ୟୁ ଘଟିଛି। ଏହାବ୍ୟତୀତ ଛତିଶଗଡ଼, ବିହାର, ତାମିଲନାଡୁ, ଉତ୍ତର ପ୍ରଦେଶ, ରାଜସ୍ଥାନରେ ବାଘଙ୍କର ମୃତ୍ୟୁ ହୋଇଛି। ଗତବର୍ଷ ପରି ଏଥର ମଧ୍ୟ ଅଧାରୁ ଅଧିକ ବାଘ ଅଭୟାରଣ୍ୟ ଭିତରେ ହିଁ ପ୍ରାଣ ହରାଇଛନ୍ତି।

ଚିନ୍ତାର ବିଷୟ ହେଉଛି ଯେ ୨୦୨୩ ଅର୍ଥାତ୍ ଚଳିତ ମାସ ପ୍ରଥମ ୧୨ ଦିନରେ ୭ଟି ମହାବଳଙ୍କ ମୃତ୍ୟୁ ହୋଇସାରିଲାଣି। ସେଥିରୁ କେବଳ ମଧ୍ୟପ୍ରଦେଶରେ ୩ଟି ଥିବା ବେଳେ ମହାରାଷ୍ଟ୍ରରେ ୨ଟି, ରାଜସ୍ଥାନ ଓ କର୍ଣ୍ଣାଟକରେ ଗୋଟିଏ ଲେଖାଏ ବାଘଙ୍କ ଜୀବନ ଗଲାଣି। ଅଭୟାରଣ୍ୟ ଭିତରେ ହିଁ ୪ଟି ବାଘ ମରିଛନ୍ତି। ଗୋଟିଏ ପଟେ ଭାରତ ମାଟିରେ ଚିତା ଛାଡ଼ି କେନ୍ଦ୍ର ସରକାର ବାହାବା ସାଉଁଟୁଥିବା ବେଳେ ମଧ୍ୟପ୍ରଦେଶରେ ବି ମହାବଳଙ୍କୁ ସୁରକ୍ଷା ଦିଆଯାଇ ପାରୁନାହିଁ। ଏବର୍ଷ ଓଡ଼ିଶାରେ କୌଣସି ମହାବଳଙ୍କ ମୃତ୍ୟୁ ହୋଇନାହିଁ। ମାତ୍ର କଲରାପତିରିଆ ବାଘ ଛାଲ ଜବତ ଘଟଣାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କେଉଁଠୁ ଏତେ କଲରାପତିରିଆ ଛାଲ ଆସୁଛି ତାହା



ଠିକ୍ ଭାବେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

ଏହି ରିପୋର୍ଟଠାରୁ ଆହୁରି ସାଂଘାତିକ ତଥ୍ୟ ଦେଇଛି ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟ୍ ଅଫ୍ ଇଣ୍ଡିଆ। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ୨୦୨୨ରେ ୧୪୨ଟି ବାଘଙ୍କ ଜୀବନ ଯାଇଛି, ଯାହାକି ୨୦୨୧ ତୁଳନାରେ କମ୍। ୨୦୨୧ରେ ୧୬୬ଟି ବାଘଙ୍କ ମୃତ୍ୟୁ ହୋଇଥିବା ଏହି ସଂସ୍ଥା ଦର୍ଶାଇଥିଲା। ଉଭୟ ସଂସ୍ଥା ରିପୋର୍ଟରେ ଦର୍ଶାଇଛନ୍ତି ଯେ ମଧ୍ୟପ୍ରଦେଶରେ ସର୍ବାଧିକ ବାଘଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ବି ବାଘ ମୃତ୍ୟୁ ଚିନ୍ତାଜନକ ରହିଛି। ଗୋଟିଏ ପଟେ ବାଘଙ୍କ ସଂଖ୍ୟା ବୃଦ୍ଧି ନେଇ କେନ୍ଦ୍ର ସରକାର ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ଅନ୍ୟପଟେ ଗୋଟିଏ ବର୍ଷରେ ଏତେ ସଂଖ୍ୟକ ବାଘଙ୍କ ମୃତ୍ୟୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ସଂସ୍ଥା ଆହୁରି କହିଛି ଯେ ଗତ ୧୫ ଦିନରେ ଦେଶରେ ୯ଟି ମହାବଳ ଓ ୨୦ଟି କଲରା ପତରିଆଙ୍କ ଜୀବନ ଯାଇଛି।

ଆଶ୍ୱସ୍ତିର ବିଷୟ ହେଉଛି ଯେ କଲରାପତରିଆ ବାଘଙ୍କ ମୃତ୍ୟୁ ସଂଖ୍ୟା ଏ ବର୍ଷ କିଛିଟା କମ୍ ରହିଛି। ୨୦୨୦ରେ ୬୭୩ଟି କଲରାପତରିଆଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ୬୧୨ଟି ମରିଥିଲେ। ୨୦୨୨ରେ ୫୧୮ଟି କଲରାପତିରିଆଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ୧୬୨ଟି ଶିକାରୀଙ୍କ ହାତରେ ମରିଛନ୍ତି। ଗତ ଦୁଇ ଦଶନ୍ଧି ହେଲା ବାଘ ଓ କଲରାପତିରିଆ ଶିକାର ଉତ୍‌ଥାନ ପତନ ଦେଇ ଗତି କରୁଛି। ୧୯୯୫ରେ ସର୍ବାଧିକ ୧୨୧ଟି ବାଘ ଶିକାର ହୋଇଥିବା ନେଇ ସଂସ୍ଥା ପକ୍ଷରୁ କୁହାଯାଇଛି।

ଏନ୍‌ଟିସିଏ ପକ୍ଷରୁ ଆହୁରି କୁହାଯାଇଛି ଯେ ୨୦୧୨ରେ ଦେଶରେ ୮୮ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଥିଲା। ୨୦୧୩ରେ ୬୮, ୨୦୧୪ରେ ୭୮, ୨୦୧୫ରେ ୮୨, ୨୦୧୬ରେ ୧୨୧, ୨୦୧୭ରେ ୧୧୭, ୨୦୧୮ରେ ୧୦୧, ୨୦୧୯ରେ ୯୬ ଓ ୨୦୨୦ରେ ୧୦୬, ୨୦୨୧ରେ ୧୨୭ଟି ବାଘଙ୍କର ମୃତ୍ୟୁ ହୋଇଛି।

## ନୂତନ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ: ଗୋଟିଏ ଖଟରେ ରୋଗୀ ଓ ଆଟେଡାଣ୍ଟ

କେନ୍ଦ୍ରାପଡା, ୧୬/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଇଛାପୁର ଶ୍ୟାମଗୁଡିଆ ଠାରେ କାର୍ଯ୍ୟକାରୀ ହେବାପରେ କୌଣସି ଗୁଣାତ୍ମକ ପରିବର୍ତ୍ତନ ହୋଇନାହିଁ। ପୂର୍ବରୁ ଏପରି ଡାକ୍ତରଙ୍କ ଅଭାବ ଲାଗି ରହିଥିଲା। ବର୍ତ୍ତମାନ ମଧ୍ୟ ସେହିଭଳି ମାତ୍ର ୩୦ ଜଣ ଡାକ୍ତର ରୋଗୀ ସେବା ପରିଚାଳନା କରାଯାଉ ଥିବା ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ ପୁରୁଣା ନିୟମ ଅନୁଯାଇ ୬୩ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୩୦ ଜଣ ଡାକ୍ତର ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ସହିତ ରୋଗୀ ମାନଙ୍କ ପାଇଁ ଖଟର ଅଭାବ ଥିବାରୁ ଗୋଟିଏ ଖଟିଆରେ ରୋଗୀ ଓ ଆଟେଡାଣ୍ଟ ଶୋଇଥିବା ଦେଖିବାକୁ ମିଳୁଛି। ଏପରିକି ମହିଳା ବିଭାଗରେ ପୁରୁଷ ଆଟେଡାଣ୍ଟ ମଧ୍ୟ ଖଟିଆରେ ଶୋଇଥିବା ଦେଖିବାକୁ ମିଳିଛି। ତେବେ ଖଡିଅଙ୍ଗ ଠାରୁ ସ୍ଥାନାନ୍ତରିତ ହୋଇ ଇଛାପୁର ଶ୍ୟାମଗୁଡିଆକୁ ଯିବାପରେ କେବଳ ନୂତନ ବିଲଡିଂକୁ ଛାଡି ଦେଲେ ଅନ୍ୟ କୌଣସି ସ୍ୱତନ୍ତ୍ର ସୁବିଧା ରୋଗୀ ମାନଙ୍କୁ ଉପଲବ୍ଧ କରାଯାଇ ନାହିଁ। ତେବେ ଅଧିକ ୫୦ ଟି ଡାକ୍ତରୀ ପଦବୀ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୁରଣ ହୋଇପାରି ନାହିଁ। ତେବେ ସମସ୍ତ ଡାକ୍ତରୀ ପଦବୀ ତୁରନ୍ତ ପୁରଣ କରିବା ସହ ଜନ ସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ କନ୍ଧମାଳ ଦଳ ମହୀଶୂର ଯାତ୍ରା

କନ୍ଧମାଳ, ୧୬/୦୧ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ସି ଆର ପି ଏଫ୍ ବାଲିଗୁଡା ର ମିଳିତ ଆନୁକୁଲ୍ୟରେ ଫୁଲବାଣୀରେ ସ୍ଥାନୀୟ ସାମ୍ବାଦିକ ଭବନ ଫୁଲବାଣୀ ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି। ଅନ୍ୟ ମାନଙ୍କ ମଧ୍ୟରେ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଅସିତ୍ କୁମାର ନନ୍ଦ, ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଟି ୧୮ ଜାନୁୟାରୀ ୨୦୨୩ ରିଖ ଠାରୁ ୨୪ ଜାନୁୟାରୀ ୨୦୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେଥିପାଇଁ ତୁମୁଡ଼ିବନ୍ଧ ବ୍ଲକ ର ସେଶ୍ରାଗାଁ ଦଳ ଅମ୍ବୁଜ ପଟମାଝୀ ଙ୍କ ନେତୃତ୍ୱ ରେ, କର୍ଣ୍ଣାଟକର ମହୀଶୂର କୁ ଯାତ୍ରା କରୁଛନ୍ତି। ତା ସହ ଏସ୍କର୍ଟ ଭାବରେ ସି ଆର ପି ଏଫ୍ ବାଲିଗୁଡାର ଲିଲି ଭୋଇ ଯାଉଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ଶେଶ୍ରାଗାଁ ଟିମ୍ କୁ ଶୁଭେଚ୍ଛା ଜଣାଉଛନ୍ତି। ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ୍ ଦଳବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ମେଘା ରାଣୀ ମହାପାତ୍ର ଧନ୍ୟବାଦ୍ ଜଣାଇଛନ୍ତି।

## ଇନ୍ଦ୍ରାବତୀ ନଦୀରୁ ଶବ ଉଦ୍ଧାର: ହତ୍ୟା ସନ୍ଦେହ

ଜୟପୁର, ୧୬/୦୧ (ନି.ପ୍ର): କୋରାପୁଟ ଜିଲ୍ଲା ସୀମାନ୍ତ ଇନ୍ଦ୍ରାବତୀ ନଦୀରୁ ଶବ ଉଦ୍ଧାର ହୋଇଛି। ବୋରିଗୁମ୍ମା ଥାନା ଅନ୍ତର୍ଗତ ବରଗା ଘାଟ ନିକଟରେ ଶବଟି ପାଣିରେ ଭାସୁଥିଲା। ସ୍ଥାନୀୟ ଲୋକେ ଶବଟିକୁ ଦେଖି ବୋରିଗୁମ୍ମା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସର ଏକ ଟିମ ଏବଂ ନବରଙ୍ଗପୁରର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଥିଲେ। ନଦୀରୁ ଶବ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ। ମୃତ ବ୍ୟକ୍ତିଙ୍କ ବେକରେ ଟାୱେଲ ଗୁଡ଼ାଇ ହୋଇଥିବା ବେଳେ ଟାୱେଲର ଅନ୍ୟ ଏକ ପଟେ ଏକ ପଥର ବନ୍ଧା ହୋଇଛି। ଯାହାକୁ ନେଇ ହତ୍ୟା ସନ୍ଦେହ କରାଯାଉଛି। ମୃତ ବ୍ୟକ୍ତି ଜଣକ ଆଉଁଳି ପଂଚାୟତର ଡୁମାକନ୍ୟା ଗୁଡା ଗ୍ରାମର ଇନ୍ଦ୍ର ଜାନୀ ବୋଲି ଜଣାପଡ଼ିଛି। ଇନ୍ଦ୍ର ଗତ ୬ ଦିନ ତଳେ ନିଜ ଘରୁ ନିଖୋଜ ଥିଲେ। ଆଜି ତାଙ୍କ ମୃତଦେହ ନଦୀରୁ ଉଦ୍ଧାର ହୋଇଛି। ତାଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଂଚିଛନ୍ତି। ତାଙ୍କୁ କେହି ହତ୍ୟା କରିବା ପରେ ଶବକୁ ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସର ତଦନ୍ତ ପରେ ହିଁ ଏହାର ସତ୍ୟତା ଜଣାପଡିବ।

## ପୁରୀ ଶ୍ରୀମନ୍ଦିର: ଭିଡ଼ ନିୟନ୍ତ୍ରଣରେ ପ୍ରଶାସନ ବିଫଳ

ପୁରୀ, ୧୬/୦୧ (ନି.ପ୍ର): ପୁରୀରେ ବିଶ୍ୱ ପ୍ରସିଦ୍ଧା ଶ୍ରୀମନ୍ଦିର ରହିଛି। ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କୁ ଦର୍ଶନ ପାଇଁ ସାରା ବିଶ୍ୱରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଏଭଳି ଅବସ୍ଥାରେ ଦର୍ଶନ ବ୍ୟବସ୍ଥାକୁ ନେଇ ସବୁବେଳେ ପ୍ରଶ୍ନ ଉଠୁଛି। ଦର୍ଶନ ବେଳେ ଅନେକ ସମୟରେ ଅଘଟଣା ହେବା ନଜୀର ରହିଛି। ବିଶେଷ କରି ଭିତର କାଠ ନିକଟରେ ଶ୍ରଦ୍ଧାଳୁମାନେ ଶ୍ୱାସରୁଦ୍ଧ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦଳଚକଟା ଭଳି ପରିସ୍ଥିତି ଦେଖାଯାଉଛି। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ସମୟରେ ଏଭଳି ଅଘଟଣ ଘଟୁଛି। ଶ୍ରୀମନ୍ଦିର ବାହାରେ ମଧ୍ୟ ଅନେକ ସମୟ ଶ୍ରଦ୍ଧାଳୁଙ୍କୁ ଅପେକ୍ଷା କରିବାକୁ ପଡୁଛି। ପରିଚାଳନାଗତ ତ୍ରୁଟି ହିଁ ଏହାର ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେଣୁ ଦର୍ଶନ ବ୍ୟବସ୍ଥାକୁ ସ୍ୱତନ୍ତ୍ର କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

ଦୈନିକ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡ ଓ କିର୍ତ୍ତନ ଚକଡ଼ାରେ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରାଯିବା ପାଇଁ ଦାବି ହୋଇଛି। ବିଶେଷ କରି କିର୍ତ୍ତନ ଚକଡ଼ାରେ ଥିବା ବ୍ୟାରିକେଡ୍‌ରେ ଦଶଟି ଧାଡ଼ି ରହିଥିବା ବେଳେ ଡ୍ୟୁଟିରେ ଥିବା ପୁଲିସମାନେ ସମସ୍ତ ଦଶଟିଯାକ ଧାଡ଼ିର ଭକ୍ତମାନଙ୍କୁ ଏକକାଳୀନ ଛାଡ଼ି ଦେଉଛନ୍ତି। ଯେଉଁଥିପାଇଁ ଗରୁଡ଼ସ୍ତମ୍ଭ ପାଖ ଏବଂ ବାହାର କାଠ ମଧ୍ୟରେ ପ୍ରବଳ ଭିଡ଼ ହୋଇଯାଉଛି।

ଯଦି ଏହି ବ୍ୟାରିକେଡ଼ରେ ଥିବା ଭକ୍ତମାନଙ୍କୁ ଛାଡ଼ିବା ପାଇଁ ପ୍ରଥମେ ୫ଟି ଓ ପରେ ୫ଟି ବ୍ୟାରିକେଡ଼ର ଭକ୍ତମାନଙ୍କୁ ଛଡ଼ାଯାଆନ୍ତା, ତେବେ ନିଶ୍ଚିତ ଭାବେ ନାଟମଣ୍ଡପରେ ଭିଡ଼କୁ ନିୟନ୍ତ୍ରଣ କରିହୁଅନ୍ତା ବୋଲି ଚର୍ଚ୍ଚା ହେଉଛି। ସେହିପରି ଛୋଟ ପିଲା, ଶାରିରୀକ ଅକ୍ଷମ ଭକ୍ତମାନଙ୍କୁ ଏବଂ ବରିଷ୍ଠ ନାଗରିକମାନଙ୍କୁ ଯଦି ଘଣ୍ଟିଦ୍ୱାର ପଟେ ଛଡ଼ାଯାଆନ୍ତା, ତେବେ ସେମାନେ ଏହି ଭିଡ଼ର ଯନ୍ତ୍ରଣାରୁ ମୁକ୍ତ ହୋଇପାରନ୍ତେ ବୋଲି ମଧ୍ୟ ପରାମର୍ଶ ଆସିଛି। ପ୍ରଶାସନ ଏଦିଗରେ ଧ୍ୟାନ ଦେବାପାଇଁ ଦାବି ହୋଇଛି।

ଆଜିର ଏହି ଅଘଟଣ ସମୟରେ



ଶ୍ରୀମନ୍ଦିର ପରିସରରେ ଆବଶ୍ୟକ ସଂଖ୍ୟକ ପୁଲିସ ନଥିଲେ। ସେବାୟତମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବାହ୍ନ ୫ଟାରୁ ସାଢ଼େ ୬ଟା ଓ ରାତି ୯ରୁ ୧୦ଟା ମଧ୍ୟରେ ଶ୍ରୀମନ୍ଦିର ଭିତରେ ପୁଲିସମାନଙ୍କ ଦେଖା ମିଳେନାହିଁ। ତେଣୁ ଶ୍ରୀମନ୍ଦିରରେ ସବୁବେଳେ ଏହିଭଳି ଦଳାଚକଟା ପରିସ୍ଥିତି ଦେଖାଯାଇଥାଏ। ଶ୍ରୀମନ୍ଦିରକୁ ଦର୍ଶନ ନିମନ୍ତେ ଦୈନିକ ହଜାର ହଜାର ଭକ୍ତ ଆସୁଥିବା ବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯାଉନାହିଁ। ଅଭିଜ୍ଞତା ସମ୍ପନ୍ନ ଅଧିକାରୀମାନେ ଶ୍ରୀମନ୍ଦିର ବାହାରେ ରହି ଭିଡ଼ ନିୟନ୍ତ୍ରଣକୁ ପରିଚାଳନା କରୁଥିବା ବେଳେ ଶ୍ରୀମନ୍ଦିର ପରିସରରେ ଅନଭିଜ୍ଞ ସିପାହୀଙ୍କୁ ଛାଡ଼ିଦେଇ ଅଚିନ୍ତାରେ ରହିଯାଉଛନ୍ତି। ତେଣୁ ଶ୍ରୀମନ୍ଦିର ପରିସରରେ ଅଭିଜ୍ଞ ପୁଲିସମାନଙ୍କୁ ନିୟୋଜିତ କରାଗଲେ ହିଁ ଏହି ସମସ୍ୟାର ପ୍ରକୃତ ସମାଧାନ ହୋଇପାରିବ ବୋଲି ସେବାୟତମାନଙ୍କ ମଧ୍ୟରୁ ପରାମର୍ଶ ଆସିଛି।

ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ବିଭାଗ ପକ୍ଷରୁ ଅନଭିଜ୍ଞ ପୁଲିସମାନଙ୍କୁ ନିୟୋଜିତ କରାଯାଉଛି। ଯେଉଁ ଅନଭିଜ୍ଞ ପୁଲିସମାନେ ଶ୍ରୀମନ୍ଦିରରେ ଭିଡ଼ ନିୟନ୍ତ୍ରଣ ପାଇଁ ନିୟୋଜିତ ରହୁଛନ୍ତି, ସେମାନେ ଭକ୍ତମାନଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଭିଡ଼କୁ ଶୃଙ୍ଖଳିତ ଭାବେ ନିୟନ୍ତ୍ରଣ କରିପାରୁନାହାନ୍ତି। ଏଭଳି ପରିସ୍ଥିତିରେ ଯଦି ଅଭିଜ୍ଞତା ସମ୍ପନ୍ନ ପୁଲିସମାନଙ୍କୁ ସିଂହଦ୍ୱାର, ଶ୍ରୀମନ୍ଦିର ପରିସରରେ ନିୟୋଜନ କରାଯାଏ ତେବେ ସେମାନେ ଠିକ୍ ନିଷ୍ପତ୍ତି ନେଇ ଭିଡ଼ନିୟନ୍ତ୍ରଣ କରିବା ସହ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ କରାଇପାରିବେ।

## ଉପାନ୍ତ ଇଲାକାରେ ଅପହଞ୍ଚ ବିଶ୍ୱକପ୍

ବଲାଙ୍ଗୀର, ୧୬/୦୧ (ନି.ପ୍ର): ରାଜ୍ୟର କୋଣଅନୁକୋଣରେ ହକି ଖେଳ ଦେଖାଇବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ହେଲେ, ଉପାନ୍ତ ଅଞ୍ଚଳରେ ହକି ଖେଳ ଦେଖାଇବା ପାଇଁ ହୋଇଥିବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏ ବାବଦରେ ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥ ହରିଲୁଟ୍ ହେବାନେଇ ମଧ୍ୟ ଆଶଙ୍କା ଦେଖାଦେଇଛି। ଏହାର ଉଦାହରଣ ହେଉଛି, ବଲାଙ୍ଗୀର କେତୋଟି ପଞ୍ଚାୟତରେ କେତେ ଟଙ୍କା ଖର୍ଚ୍ଚ ଏ ପର୍ଯ୍ୟନ୍ତ ହୋଇଛି ଓ ଆଗକୁ କେତେ ହେବ ସେସବୁର ମୋଟ ହିସାବକିତାବ କାହା ପାଖରେ ନାହିଁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚିଠି ନଂ-୨୫୭୩୦/ତାରିଖ ୨୭.୧୨.୨୦୨୨ରୁ ଜଣାଯାଏ ଯେ, ହକି ବିଶ୍ୱକପ୍‌ରେ ପଞ୍ଚାୟତମାନଙ୍କରେ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଷ୍ଟେଟ୍ ଫାଇନାନ୍ସ କମିସନ ଗ୍ରାଣ୍ଟରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ରହିଥିଲା। ଚିଠି ଅନୁସାରେ, ଗ୍ରାମସଭା ଆୟୋଜନ ହେବ। ବିଶ୍ୱକପ୍ ହକି ଉଦ୍‌ଘାଟନ କାର୍ଯ୍ୟକ୍ରମ ଦିନ ପଞ୍ଚାୟତ ଅଫିସରେ ଗ୍ରାମସଭା ଆୟୋଜନ କରିବେ। ଚା, ପାଣି, ଟିଫିନ ଆଦିର ବ୍ୟବସ୍ଥା ହେବ। ପ୍ରୋଜେକ୍ଟର କିମ୍ବା ଟେଲିଭିଜନରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ଡାକି ଦେଖାଇବେ। ୫ଫୁଟ୍ ଲମ୍ବ ଓ ୩ ଫୁଟ୍ ଚଉଡ଼ାର ବ୍ୟାନର ଲାଗିବ। ପଞ୍ଚାୟତ ଅଫିସ ସମ୍ମୁଖରେ ବିଶ୍ୱକପ୍ ହକିର ୱାଲ୍‌ପେଣ୍ଟିଂ ହେବା ଭଳି ନିର୍ଦ୍ଦେଶ ରହିଥିଲା। ନିର୍ଦ୍ଦେଶ ମୁତାବକ, ବଲାଙ୍ଗୀର ଜିଲ୍ଲାର କିଛି ପଞ୍ଚାୟତରେ ବହୁ ଭଲରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କେତୋଟି ପଞ୍ଚାୟତରେ ୨୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରି ବି ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ମିଶି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। କିନ୍ତୁ, ଉପାନ୍ତ ଅଞ୍ଚଳର ଏମିତି ଅନେକ ପଞ୍ଚାୟତ ରହିଛି ଯେଉଁଠି ପ୍ରାୟ ୧୦ରୁ ୧୨ ହଜାର ଟଙ୍କା ମାତ୍ର ଖର୍ଚ୍ଚ କରିଛନ୍ତି। ଜିଲ୍ଲାର ଉପାନ୍ତ ବ୍ଲକ୍ ତୁରେକେଲାର ୧୯ଟି ପଞ୍ଚାୟତରେ ହକି ବିଶ୍ୱକପ୍ ଉଦ୍‌ଘାଟନ ଦିନ କାର୍ଯ୍ୟକ୍ରମ ହୋଇଥିଲା। କିନ୍ତୁ, ଉପାନ୍ତ ଗାଁର ଅଧିକାଂଶ ଲୋକ ହକି ଟିଭିରେ ଦେଖାଇବା ଭଳି କ'ଣ କାର୍ଯ୍ୟକ୍ରମ ହୋଇଥିଲା ଏବେ ବି ଜାଣିନାହାନ୍ତି। କେତେଜଣ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ।

## ପାନ ଦୋକାନରେ ଲାଗିଲା ନିଆଁ

ଜୟପୁର, ୧୬/୦୧ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ହାଟପଦାରେ ଥିବା ପାନ ଦୋକାନରେ ଲାଗିଲା ନିଆଁ। ଦୋକାନଟି ହୁହୁ ହୋଇ ସମ୍ପୁର୍ଣ୍ଣ ଜଳି ଯାଇଥିଲା। ଦୋକାନ ମାଲିକ ରସିକ ପରଜା ହୋଇଥିବା ବେଳେ ଦୁର୍ବୃତ କେହି ଦୋକାନରେ ନିଆ ଲଗାଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରେର ପୋଲିସ ମାମଲା ରୁଜୁ କରି ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ ମଧ୍ୟ ତଦନ୍ତ କରି ଫେରି ଥିବା ଜଣାଯାଇଛି। ଦୋକନ ମାଲିକ ରସିକ ପରଜା ଙ୍କ ଏକ ମାତ୍ର ଆୟର ଉତ୍ସ ଥିଲା। ତେଣୁ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି।

## ଆଧ୍ୟାତ୍ମିକ ଚେତନା ସୃଷ୍ଟି ପାଇଁ ନଦୀ କୁଳରେ ପ୍ରତି ସଂନ୍ଧ୍ୟାରେ ମହାନଦୀ ଆଳତି କରାଯିବ

ବୌଦ୍ଧ, ୧୬/୦୧ (ନି.ପ୍ର): ବୌଦ୍ଧ ସହରର ମହାନଦୀ କୁଳକୁ ସୁନ୍ଦର ଭାବେ ସାଜସଜ୍ଜା କରାଯିବା ସହ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ପାଇଁ ମହାନଦୀ ଆଳତି ଭଳି କାର୍ଯ୍ୟକ୍ରମ ଖୁବଶିଘ୍ର ଆରମ୍ଭ କରାଯିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି। ଏହା ସହ ଗଣପର୍ବ ରାମଲୀଳାକୁ ବ୍ୟାପକ କରିବା ପାଇଁ ନୂତନ କାର୍ଯ୍ୟକ୍ରମ ସବୁ ଆରମ୍ଭ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପବିତ୍ର ମକରସଂକ୍ରାନ୍ତି ଅବସରରେ ବୌଦ୍ଧର ଗଣପର୍ବ ଭାବରେ ମାନ୍ୟତା ଲାଭ କରିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରଘୁନାଥ ମନ୍ଦିର ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଂଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସତ୍ୟରଂଜନ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବବିତାରାଣୀ ଦଳବେହେରା, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, ଉପଜିଲ୍ଲାପାଳ ରବିନ୍ଦ୍ରନାଥ କହଁର, ଜିଲ୍ଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ବଣିକ ସଂଘ ସଭାପତି ସୁବାଷ ଚନ୍ଦ୍ର ସାହୁ, ରାମଲୀଳା ଯାତ୍ରାର ନିର୍ଦ୍ଦେଶକ ଭବାନିଶଙ୍କର ମହାପାତ୍ର, ନାଟ୍ୟକାର ହୃଦାନନ୍ଦ ମିଶ୍ର ମଂଚାସୀନ ଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାହୁ ଚଳିତ ବର୍ଷ ବୌଦ୍ଧର ରାମଲିଳା ଯାତ୍ରକୁ ଧୁମଧାମରେ ପାଳନ କରିବାକୁ କହିବା ସହ ଏଥି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ। ଏହା ସହ ମହାନଦୀକୁ ସୁନ୍ଦର ଭାବେ ସାଜସଜ୍ଜା କରାଯିବା ସହ ଆଧ୍ୟତ୍ମିକ ଚେତନା ସୃଷ୍ଟି କରିବା ପାଇଁ ମହାନଦୀକୁଳରେ ଆଗାମୀ ଦିନରେ ବର୍ଷ ତମାମ ମହାନଦୀ ଆଳତି କରାଯିବ ବୋଲି ମତ ବ୍ୟକ୍ତ କରିଥିଲେ। ରଘୁନାଥ ମନ୍ଦିର ପରିସରକୁ ରାମଲିଳା ଯାତ୍ରା ପୁର୍ବରୁ ଦର୍ଶକଙ୍କୁ ଆକର୍ଷଣ କରିବା ପାଇଁ ସୁନ୍ଦର ସାଜସଜ୍ଜା କରାଯିବାକୁ ମଧ୍ୟ କହିଥିଲେ। ବୌଦ୍ଧ ସହରର ରାମଲୀଳା ଯାତ୍ରାର ପ୍ରସିଦ୍ଧି ରହିଥିବା ବେଳେ ବୌଦ୍ଧର ରାମଲୀଳା ଯାତ୍ରାରେ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ପରିବର୍ତ୍ତନ ହୋଇସାରିଥିଲେ ମଧ୍ୟ ଦୀର୍ଘ ୧୮ ଦିନ ବ୍ୟାପୀ ପାଳିତ ଏହା ହୋଇଆସୁଅଛି। ଅନ୍ୟତମ ଅତିଥିମାନେ ଚଳିତବର୍ଷ ଯାତ୍ରାକୁ ଶୃଙ୍ଖଳାର ସହ କରିବାକୁ କହିବା ସହ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବାକୁ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଯାତ୍ରା ଆୟୋଜନ ପାଇଁ ଆବଶ୍ୟକୀୟ ଅର୍ଥ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଚଳିତବର୍ଷ ଯାତ୍ରା ପାଇଁ ବ୍ୟୟ ଅଟକଳ ସଂପର୍କରେ ସୂଚନା ଦେଇଥିଲେ। ବୈଠକରେ ସହରର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜିବୀମାନେ ଉପସ୍ଥିତ ରହି ଯାତ୍ରା ଆୟୋଜନ ନେଇ ଗଠନମୂଳକ ପ୍ରସ୍ତାବ ସବୁ ଦେଇଥିଲେ। ଏହି ଅବସରରେ ବିଭିନ୍ନ ରାମଲୀଳା କମିଟିର କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପ୍ରଧାନ ମଂଚ ପରିଚାଳନା କରିଥିବାବେଳେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗମ୍ଭାରୀ ପାଲି ଛକରେ ଯୁବକକୁ ସଂଘବଦ୍ଧ ଆକ୍ରମଣ

ସୁବର୍ଣ୍ଣପୁର, ୧୬/୦୧ (ନି.ପ୍ର): ଡୁଙ୍ଗୁରିପାଲ ବ୍ଲକର ଗମ୍ଭାରିପାଲି ଗ୍ରାମର ଛକଠାରେ ଜଣେ ଯୁବକକୁ ସଂଘ ବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଡୁଙ୍ଗୁରିପାଲି ଥାନାରେ ହୋଇଥିବା ଅଭିଯୋଗ ରୁ ଜଣାଯାଏ ଯେ ମାଝିମୁଣ୍ଡା ଗ୍ରାମର କାର୍ତ୍ତିକ ନାଏକ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନ ଅନ୍ତର୍ଗତ ବେନ୍ଦ୍ରା ଗ୍ରାମର ବାବୁଲୁ ଭୋଇଙ୍କ ସହିତ ଗମ୍ଭାରିପାଲି ଧନୁଯାତ୍ରା ଦେଖିବାକୁ ଆସିଥିଲେ। କୌଣସି କଥାକୁ ନେଇ କେତେକ ଯୁବକମାନଙ୍କ ସହିତ ଯୁକ୍ତି ତର୍କ ହୋଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗମ୍ଭାରିପାଲି ଗ୍ରାମର ବିଜୟ ସାହୁ(୨୩), କୁମୁଦ ସେଠୀ(୧୮), ପ୍ରେମରାଜ ବରିହା(୧୯), ମୋହନ ବରିହା(୨୬) ଏବଂ ବେହେରାମାଲ ଗ୍ରାମର ଜଣେ ୧୭ବର୍ଷର ନାବାଳକ କାର୍ତ୍ତିକକୁ ଭୁଜାଲିରେ ଆକ୍ରମଣ କରିବା ସହ ଲାତ ଗୋଇଠା ମାରିଥିଲେ। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଚିକିତ୍ସାକରୁଥିବା ଡାକ୍ତର ପରେ ବୁର୍ଲା ବଡ ଡାକ୍ତରଖାନାକୁ ପଠାଇ ଛନ୍ତି। ବର୍ତ୍ତମାନ ସେ ସେଠାରେ ଚିକିତ୍ସିତ ହେଉଅଛି। କାର୍ତ୍ତିକର କାକା କୃଷ୍ଣ ନାଏକଙ୍କ ଅଭିଯୋଗକୁ ଭିତି କରି ଡୁଙ୍ଗୁରିପାଲି ପୋଲିସ ଏକ ମାମଲା ରୁଜୁ କରି କେସ ନ.ଂ୯/୨୩ ଧାରା ୩୪୧,୨୯୪/୩୨୩/୩୦୭ /୩୪ଆଇପିସିରେ ତଦନ୍ତ ଜାରି ରହିଛି। ପୋଲିସ ଅଭିଯୁକ୍ତମାନଙ୍କୁକ ଥାନାରେ ଆଜି ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

## ପେପର ମିଲ କର୍ମଚାରୀଙ୍କ ଦାବି ପୁରଣ ପାଇ ରାଜ ରାସ୍ତାକୁ ଓହ୍ଲାଇବ ସିପିଆଇ

ଜୟପୁର, ୧୬/୦୧ (ନି.ପ୍ର): ଜୟପୁର ସ୍ଥିତ ପେପର ମିଲ କର୍ମଚାରୀ ଙ୍କ ଦାବି ପୁରଣ ପାଇ ରାଜ ରାସ୍ତାକୁ ଓହ୍ଲାଇବ ସିପିଆଇ। ଏନେଇ ଆଜି ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ କୋରାପୁଟ ଜିଲା ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ସୁଚନା ଦେଇଛନ୍ତି। ପେପର ମିଲ କର୍ତୃପକ୍ଷ ଶ୍ରମିକ ମାନଙ୍କୁ ଠିକ ସମୟରେ ଦରମା ଦେଉନଥିବା ବେଳେ ଅବସର ପ୍ରାପ୍ତ ଶ୍ରମିକ ମାନଙ୍କ ବକେୟା ଦରମା, ଏପିଏଫ ଆଦି ତୁରନ୍ତ ଦେବାକୁ ସିପିଆଇ ଦାବି କରିଛି। ଦରମା ନ ପାଇ ବହୁ କର୍ମଚାରି ବହୁତ ହଇରାଣ ହରକତ ହୋଉଥିବା ବେଳେ କେତେ କର୍ମଚାରି ମୃତ ବରଣ ମଧ୍ୟ କରି ସାରିଲେଣି। ଶ୍ରମିକ ମାନଙ୍କୁ ଅଧା ଦରମା ଦିଆଯାଉଛି। ଅବସର ପ୍ରାପ୍ତ ଶ୍ରମିକ ମାନେ ପି.ଏଫ ପେନସନ ଏବଂ ତାଙ୍କର ବକେୟା ପାଉଣା ପାଇ ପାରୁ ନାହାଁନ୍ତି।

# ସାନଘାଗରା ଜଳପ୍ରପାତ

ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।





### ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାରର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ୍ୟ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।



### ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ



ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ଏବଂ ଖଣ୍ଡାଧାର ଜଳପ୍ରପାତ ମଧ୍ୟ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।

### କେମିତି ଯିବେ :

ଉଭୟ ସଡ଼କ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଟର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

### କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।





# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...

**ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍:** ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

**ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ:** ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



## ବିଳାସମୟ ଘରରେ ପରିଣତ ହେଲା ସ୍କୁଲ୍ ବସ୍



ବସ୍ ଭିତରେ ବିଳାସମୟ ଘର । ପାଖାପାଖି ୨୭୦ ସ୍କୋୟାର ଫୁଟର ସ୍କୁଲ ବସ ଏକ ବିଳାସମୟ ଘରରେ ପରିଣତ ହୋଇଛି । ଆଉ ଏଥିପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୩୫ ହଜାର ଡଲାର ଅର୍ଥାତ ୨୫ ଲକ୍ଷ ଟଙ୍କା । ଆଉ ଏହି ଘରେ ରହୁଛନ୍ତି ଜେଫ୍, ତାଙ୍କ ପତ୍ନୀ ଏନା ବେଟରଟନ, ତାଙ୍କର ୫ଜଣ ଛୁଆ, ଦୁଇଟି କୁକର ଏବଂ ଗୋଟିଏ ବିଲେଇ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବସ ଭିତରେ ବେଡ୍ରୁମ୍ ସମେତ, ବାଥରୁମ୍, ଟଏଲେଟ୍, ରେନ୍ ଫଲ୍ ସାୱାରର ମଧ୍ୟ ବ୍ୟବସ୍ଥା ରହିଛି । ତେବେ ବସ ଭିତରେ ଥିବା ଏହି ଘରର ଫଟୋ ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି । ବସ ଭିତରେ ଘର ଭଳି ସମସ୍ତ ସୁବିଧା ରହିଛି । କିଚେନାରୁ ଆରମ୍ଭ କରି ଏକ କିଙ୍ଗ ସାଇଜ୍ ବେଡ୍ ରୁମ୍ ମଧ୍ୟ ଏହି ବସ ଭିତରେ ରହିଛି । ଭିତରୁ ଦେଖିଲେ ଆପଣ ଅନୁମାନ ବି କରିପାରିବେ ନାହିଁ ଯେ, ଆପଣ ଏକ ବସ୍ ଭିତରେ ଅଛନ୍ତି । ତେବେ ଏହି ବିଳାସମୟ ଘରର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ପ୍ରଦୂଷିତ ପାଣିରୁ ଜାତ ଆଳୁ, ଗାଜର, ଟମାଟୋ ଖାଆନ୍ତୁନି: ନାଳ ପାଣି ବଢ଼ାଇବ କ୍ୟାନସର, ଚର୍ମ ଓ ପେଟରୋଗ- କୃଷି ବିଶେଷଜ୍ଞ



ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ କୃଷକଙ୍କ ବିକାଶ ସହିତ ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ନୂଆ ନୂଆ ପଦକ୍ଷେପ ଗ୍ରହଣ କରୁଛନ୍ତି । ତେବେ ଅନେକ କ୍ଷେତ୍ରରେ କୃଷକମାନେ ନାଳର ମଇଳା ପାଣିକୁ ନେଇ ନିଜ ଫସଲରେ ମଡ଼ାଇଥାନ୍ତି । ଏହାଦ୍ୱାରା ଫସଲରେ କୌଣସି ପ୍ରଭାବ ପଡ଼ିନଥାଏ ବୋଲି ସମସ୍ତଙ୍କର ଧାରଣା ଥାଏ । ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ । କୃଷି ବିଶେଷଜ୍ଞ ଏ ବାବଦରେ ଭିନ୍ନ ମତ ଦେଇଛନ୍ତି । ଏ ବାବଦରେ ବିହାରର ଡାକ୍ତର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଆର.ସି ଶ୍ରୀବାସ୍ତବ କିଛି ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛ ଓ ପରିଷ୍କାର ପାଣିର ଅଭାବ କାରଣରୁ ଅନେକ ସମୟରେ କୃଷକମାନେ ନାଳରେ ଯାଉଥିବା ଖରାପ ପାଣି ଶସ୍ୟରେ ମଡ଼ାଇଥାନ୍ତି । ଏପରି ସ୍ଥଳେ ପ୍ରଦୂଷିତ ପାଣିର ପ୍ରଭାବ ଫସଲ ଉପରେ ପଡ଼ିବା ସହିତ ତାହାକୁ ସେବନ କରିବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ । ଏହି ମଇଳା ପାଣି ପ୍ରଥମେ ନାଳରୁ ଫସଲକୁ ଓ ତା'ପରେ ଫସଲରୁ ମଣିଷର ପେଟକୁ ଯାଇଥାଏ । ତେବେ ଏହି ମଇଳା ପାଣିରୁ ଜାତ ଫସଲକୁ ସେବନ କରିବା ଫଳରେ କ୍ୟାନସର ସହିତ ଅନେକ ଚର୍ମ ରୋଗ ହେବାର ସମ୍ଭାବନା ରହିଥାଏ । ତେଣୁ ଏହି ଫସଲକୁ ଆପଣମାନେ ଖାଇବା ଅନୁଚିତ । ଏଥିସହିତ ଏହି ପାଣିର ବ୍ୟବହାର ଶସ୍ୟକ୍ଷେତ୍ରରେ ନ କରିବା ପାଇଁ କୃଷକଙ୍କୁ ପରାମର୍ଶ ଦେବା ଜରୁରୀ । ଖାସ୍ କରି ସହର ନିକଟସ୍ଥ କୃଷକମାନେ ଫସଲରେ ପ୍ରଦୂଷିତ ପାଣିରେ ସିଞ୍ଚନ କରିଥାନ୍ତି । ଏହି ପ୍ରଦୂଷିତ ପାଣିର ପ୍ରଭାବରେ ଆଳୁ, ଟମାଟୋ, ଗାଜର ପରି ସବଜି ଉପରେ ପଡ଼ିଥାଏ । ପରିଣାମ ସ୍ୱରୂପ ତାହାକୁ ଖାଉଥିବା ଲୋକଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଥାଏ ବୋଲି ଡା. ଶ୍ରୀବାସ୍ତବ କହିଛନ୍ତି ।

## ଶରୀରକୁ ଦିଅନ୍ତୁ ପୋଷଣ

ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ୍ୟ ଜରୁରୀ ।

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ୍ୟ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ୍ୟ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ୍ୟ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧ୍ୟରେ କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ୍ୟ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମୁଦ୍ରାସ୍ଫୀତି...

ଅଧିକାଂଶ ଅର୍ଥନୀତିଜ୍ଞ ଏବଂ ସାଧାରଣ ଲୋକ ଯେମିତି ଆଶଙ୍କା କରୁଥିଲେ ଯେ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ବର୍ଷ ୨୦୨୩ ଖରାପ ଭାବରେ ଆରମ୍ଭ ହେବ, ବାସ୍ତବ କ୍ଷେତ୍ରରେ ସେମିତି କିଛି ହୋଇନାହିଁ ବରଂ ଗତ କିଛିଦିନ ମଧ୍ୟରେ ଏ ବାବଦରେ ଯେଉଁଭଳି ତଥ୍ୟମାନ ସାମନାକୁ ଆସିଛି, ତାହା ଆନନ୍ଦ ପ୍ରଦାନ କରିବା ଭଳି ମନେହୁଏ । ଖାଉଟି ମୂଲ୍ୟ ସୂଚକାଙ୍କ ଦ୍ୱାରା ମାପ କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ଗତ ଡିସେମ୍ବର ମାସରେ ୫.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି ଯାହାଦ୍ୱାରା ଏହା ଲଗାତାର ଦୁଇ ମାସ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସହନଶୀଳା ସୀମା ୬ ପ୍ରତିଶତ ମଧ୍ୟରେ ରହିଛି । ନଭେମ୍ବର ମାସରେ ଏହି ବୃଦ୍ଧି ହାର ୫.୮୮ ପ୍ରତିଶତ ଥିବାବେଳେ ଡିସେମ୍ବର ୨୦୨୧ରେ ଏହା ଥିଲା ୫.୬୬ ପ୍ରତିଶତ । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧିର ଯଥେଷ୍ଟ ରାଜନୀତିକ ଏବଂ ସାମାଜିକ ମହତ୍ତ୍ୱ ରହିଥିବା ଦୃଷ୍ଟିରୁ ଏହାର ବୃଦ୍ଧି ହାର କମ୍ ହେବା ଭାରତୀୟ ରାଜନେତା ଓ ଖାଉଟିମାନଙ୍କ ସହିତ ଅର୍ଥନୀତି ପାଇଁ ଏକ ସୁଖଦ ଖବର କହିବା ଅତ୍ୟୁକ୍ତି ହେବନାହିଁ । ତଥାପି ଦେଶର ଅର୍ଥନୀତି ପାଇଁ କେତେକ ଚିନ୍ତାଜନକ ପ୍ରସଙ୍ଗ ରହିଛି, ଯେଉଁଗୁଡ଼ିକ ମଧ୍ୟରେ ସବୁଠୁ ବଡ଼ ପ୍ରସଙ୍ଗଟି ହେଉଛି କର୍ମନିଯୁକ୍ତି ସୃଷ୍ଟି । ସମ୍ପ୍ରତି ଦେଶରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଉଭୟ ପାଇକାରୀ ଏବଂ ଖୁଚୁରା ମୂଲ୍ୟ ହ୍ରାସ ପାଉଛି । ଗହମ ଓ ଧାନ ଉତ୍ପାଦନ ଆଶା କରାଯାଉଥିବା ପରିମାଣ ଅପେକ୍ଷା ଅଧିକ ରହିଛି, ଯାହା ଗ୍ରାମୀଣ ଅର୍ଥନୀତି ଓ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଚାରୁ ରୂପେ ଚଳାଇ ରଖିବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଆଶ୍ୱାସନା ପ୍ରଦାନ କରିଛି । ମହାମାରୀ ଉପରାନ୍ତ ବିଶ୍ୱରେ କେବଳ ଭାରତ ନୁହେଁ, ବିଶ୍ୱର ଅନ୍ୟାନ୍ୟ ବୃହତ୍ ଅର୍ଥନୀତିମାନେ ମଧ୍ୟ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଛନ୍ତି, ଏପରିକି ସର୍ବାଧିକ ଧନୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ଆର୍ଥିକ ପରିସ୍ଥିତି ମଧ୍ୟ ଦୋହଲିବାକୁ ବାଧ୍ୟ ହୋଇଛି । ତେବେ ଜଣାପଡ଼ିଛି ଯେ ଡିସେମ୍ବର ମାସରେ ଆମେରିକାର ମୁଦ୍ରାସ୍ଫୀତି ବୃଦ୍ଧିହାର ସାମାନ୍ୟ ଶୀତଳ ପଡ଼ିଛି; ଏହା ୬.୫ ପ୍ରତିଶତ ରହିଛି । ଡିସେମ୍ବର ମାସର ସିପିଆଇ ତଥ୍ୟ ପ୍ରକାଶିତ ହେବାପରେ ଏଠାକାର ବଜାର ଅବସ୍ଥା ଚଳଚଂଚଳ ହୋଇ ଉଠିଛି । ଆମେରିକାର ଏହି ତଥ୍ୟ ଭାରତ ପାଇଁ ଆଶ୍ୱାସନା ଆଣିଦେବା ଭଳି, କାରଣ ଏହାଦ୍ୱାରା ଭାରତୀୟ ମୁଦ୍ରା ଉପରେ ରହିଥିବା ଚାପ ହ୍ରାସ ପାଇବା ସହିତ ଭାରତର ଘରୋଇ ଅର୍ଥନୀତି ପାଇଁ ଆମଦାନୀଜନିତ ମୁଦ୍ରାସ୍ଫୀତି ଉପରେ କୌଣସି ପ୍ରକାରର ଚାପକୁ ଏହା ଦୂରେଇ ହେବାର ସମ୍ଭାବନା ରଖେ । ଭାରତ ପାଇଁ ଦ୍ୱିତୀୟ ବଡ଼ ସୁଖବରଟି ହେଉଛି, ଭାରତର ଔଦ୍ୟୋଗିକ ଉତ୍ପାଦନ, ଯାହା ଅକ୍ଟୋବର ମାସରେ ସଂକୁଚିତ ହେବାପରେ ନଭେମ୍ବର ୨୦୨୨ରେ ୭.୧ ପ୍ରତିଶତ ବୃଦ୍ଧି ପାଇଥିଲା । ଖାଉଟିମାନଙ୍କର ବ୍ୟୟ କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିଛି, ଯାହାର ପ୍ରମାଣ ହେଉଛି ସାମଗ୍ରୀ ଓ ସେବା ଟିକସ ଆଦାୟ କ୍ଷେତ୍ରରେ ନିରନ୍ତରତା ସହିତ ରେକର୍ଡ ପରିମାଣର ବୃଦ୍ଧି ଘଟିବା । ଗତ ଶୁକ୍ରବାରରେ ପ୍ରକାଶିତ ଆମେରିକାର ମାସିକ କର୍ମନିଯୁକ୍ତି ସମ୍ପର୍କିତ ରିପୋର୍ଟ ଅଣ-କୃଷିକ୍ଷେତ୍ର ଶ୍ରମିକମାନଙ୍କ ମାସିକ ମଜୁରି ପ୍ରଦାନରେ ବୃଦ୍ଧି ଘଟିବାକୁ ଦର୍ଶାଇଛି, ଯାହା ଅଧିକ ସଂଖ୍ୟକ ଶ୍ରମିକ ବିଭିନ୍ନ କ୍ଷେତ୍ରରେ କାମ କରିବାର ସୂଚନା ପ୍ରଦାନ କରିଛି । ପୁନଶ୍ଚ, ଏହି ରାଷ୍ଟ୍ରରେ ମଜୁରି ହାରରେ ଧୀମା ଅଭିବୃଦ୍ଧି ଘଟିବାର ଲକ୍ଷଣ ଦେଖାଦେଇଛି । ଏହି ଉଭୟ ସମ୍ବାଦ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ସୁସମ୍ବାଦ ବୋଲି କୁହାଯାଇପାରେ । ଏହାଫଳରେ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ଯଦି ସୁଧହାରରେ ପରିବର୍ତ୍ତନ କରିବା ଆବଶ୍ୟକ ମନେ ନକରେ ଏବଂ ଅନୁଭବ କରେ ଯେ କୌଣସି ଆର୍ଥିକ ପଦକ୍ଷେପ ନିଆଯିବା ବିନା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରାଯାଇପାରିବ, ତା'ହେଲେ ସମଗ୍ର ବିଶ୍ୱର ଅର୍ଥନୀତି ପାଇଁ ଏହା ଏକ ସୁଖବର ହେବ । ନିର୍ଦ୍ଦିଷ୍ଟ ଭାବରେ ଭାରତ ଏହାଦ୍ୱାରା ଯଥେଷ୍ଟ ଲାଭବାନ୍ ହେବ, ଯେହେତୁ ଏହା ଷ୍ଟକ୍ ମାର୍କେଟକୁ ଅଧିକ ପରିମାଣର ଏଫ୍‌ଆଇଆଇ ନିବେଶର ଆଗମନ ଘଟିବ ଏବଂ ଯାହାର ପରିଣତି ସ୍ୱରୂପ ଅନ୍ୟାନ୍ୟ ଅର୍ଥନୀତିକ ସୂଚକାଙ୍କ ଊର୍ଦ୍ଧ୍ୱଗାମୀ ହେବ । ଏ ଦୁଇ ଦେଶଙ୍କ ବାଦ୍ ଚୀନରେ କୋଭିଡ୍ ପାଇଁ ଜାରି କରାଯାଇଥିବା କଟକଣାଗୁଡ଼ିକର ହ୍ରାସ ଘଟିଲେ କେତେକ ସାମଗ୍ରୀ ଉପରୁ ମୂଲ୍ୟଜନିତ ଚାପ ଏବଂ ଯୋଗାଣ ପକ୍ଷର ମୁଦ୍ରାସ୍ଫୀତିରେ ହ୍ରାସ ଘଟିବ । ତେବେ, ଏହା ଦେଖିବାକୁ ବାକି ରହିଛି ଯେ କେତେଦିନ ବାମାସ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସାମଗ୍ରୀ ଏବଂ ଯୋଗାଣ ଶୃଙ୍ଖଳ ସ୍ୱଳ୍ପ ବୃଦ୍ଧି ଭିତରେ ରହୁଛି, ଯାହା ସାମଗ୍ରିକ ଭାବରେ ବିଶ୍ୱ ଅର୍ଥନୀତିକ ଶୃଙ୍ଖଳା ସ୍ୱାଭାବିକ ଅବସ୍ଥା ଫେରି ନପାଇବା ପର୍ଯ୍ୟନ୍ତ ସ୍ଥିତାବସ୍ଥାରେ ରହିବ । ଭାରତରେ ଆମେରିକା ଭଳି ବ୍ୟବସାୟିକ କାରବାର କ୍ଷେତ୍ରରେ ଉନ୍ନତି ଘଟିଛି, କିନ୍ତୁ ଏଥିପାଇଁ ଅଧିକ ମାନବ ସମ୍ବଳର ବିନିଯୋଗ କରାଯିବା କ୍ଷେତ୍ରରେ ସାବଧାନତା ଅବଲମ୍ବନ କରାଯାଉଛି, ଯାହା ଏକ ଚିନ୍ତାର କାରଣ ।

# ୱାର୍ଲଡ଼ ଓଡିଶା ସୋସାଇଟି ଓ ଓଡିଆତ୍ୱର ଧ୍ୱଜା



ଡଃ ଅରୁନ୍ଧତୀ ଦେବୀ

ପଙ୍କରୁ ପଙ୍କଜ ପ୍ରସ୍ଫୁଟିତ ହେବା ଭଳି ଯେତେବେଳେ ବିଶ୍ୱ ମହାମାରୀ କରୋନା ସମଗ୍ର ବିଶ୍ୱରେ ତା'ର ଭୟଙ୍କର କରାଳ କାୟା ବିସ୍ତାର କରିଥିଲା, ସେହି ମହା ଆତଙ୍କର ଘନ ଅନ୍ଧକାର ମଧ୍ୟରୁ ଏକ ଆଶାର ଆଲୋକ ହୋଇ ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ କାର୍ଯ୍ୟ କରୁଥିବା ଓଡିଆମାନଙ୍କ ପାଇଁ ଜନ୍ମ ନେଲା ୱାର୍ଲଡ ଓଡିଶା ସୋସାଇଟି । ସେ ଥିଲା ୨୦୨୧ ମସିହା ଜାନୁୟାରୀ ଚଉଦ ତାରିଖ ମକର ସଂକ୍ରାନ୍ତିର ପବିତ୍ର ଅବସର । ସମଗ୍ର ପୃଥିବୀରେ ଓଡିଶାର ମହାନ୍ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରମ୍ପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡିଆ ମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଏବଂ ବିକାଶର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ଏହା ଜନ୍ମ ନେଲା । ବିନ୍ଦୁରୁ ସିନ୍ଧୁର ପରିବ୍ୟାପ୍ତି ଏହାର ଲକ୍ଷ୍ୟ; ୨୦୩୨ ରେ ଏକଶତ ବର୍ଷର ଓଡିଶାକୁ ଏକ ଗୌରବୋଜ୍ଜ୍ୱଳ ଅବସ୍ଥାରେ ଦେଖିବାର ପ୍ରୟାସ । ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧ୍ୟକ୍ଷ ଦାୟିତ୍ୱ ବହନ କଲେ । ଏହି ସମୟର ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲେ ମୁଖ୍ୟ ପୃଷ୍ଠପୋଷକ । ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରମା' ଡଃ ଅରୁନ୍ଧତୀ ଦେବୀ ।

୨୦୨୧ ଫେବୃୟାରୀ ପନ୍ଦର ତାରିଖରେ ଏହାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା । ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ

ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାୟର କଲେ । ଦୁଇହଜାର ଏକୋଇଶ ଜୁନ୍ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଣ୍ଟ ଫାଉଣ୍ଡେସନ ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଚାପ ପରିଚାଳନା ନିମନ୍ତେ ଝରବକ୍ସମଷ- ସଭଶ ଲକ୍ସ୍ୱ ଝକ୍ଟକ୍ଷବମର ନାମରେ ଏକ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହେଲା । ଜୁନ୍ କୋଡିଏ ଦୁଇ ହଜାର ଏକୋଇଶରେ ଏହି ସଂଗଠନ ଉଦୀୟମାନ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କର କୋଭିଡ୍ ଜନିତ ବିୟୋଗରେ ଅନ୍‌ଲାଇନ୍‌ରେ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା । ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡିଆ ମାନଙ୍କୁ ନେଇ "ଠବକ୍ଷସବଭଶ୍ବ ଚବସଳବ'ଶ୍ବ ଠରକ୍ସଶ୍ବକ୍ଟଭ କ୍ଟଲ ଠବକ୍ଷକ୍ଟଙ୍କକ୍ସ" ନାମକରଣରେ ଏକ ଆଭାସି ସଭା ସଫଳତାର ସହିତ ହୋଇ ପାରିଥିଲା । ଏହାର ଉଦ୍‌ଘାଟକ ଓଡିଶାର ମାନ୍ୟବର ବାଚସ୍ପତି ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର କେନ୍ଦ୍ରମନ୍ତ୍ରୀ - ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁନିଲ ଶାସ୍ତ୍ରୀ, ମାନ୍ୟବର ସାଂସଦ କେନିଆ – ଡଃ ସ୍ୱରୂପ ରଂଜନ ମିଶ୍ର, ଓଡିଶାର କ୍ରୀଡା,

ଯୁବବ୍ୟାପାର ଓ ଆଇ.ଟି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ହରିଜନ ସେବକ ସଂଘ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ର. ଡଃ ଶଙ୍କର କୁମାର ସାନ୍ୟାଲ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅଶୋକ କୁମାର ମହାପାତ୍ର, ଇନ୍‌କମ୍‌ଟ୍ୟାକ୍ସ ମୁଖ୍ୟ କମିଶନର ଶ୍ରୀ ମନୋରଂଜନ ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ ରାଉତ ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗ ଦେଇଥିଲେ ।

ଦୁଇହଜାର ଏକୋଇଶ ସେପ୍ଟେମ୍ବର ଦଶ ତାରିଖରେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ୱାର୍ଲଡ ଓଡିଶା ସୋସାଇଟି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହେଲା । ଏହାର ୱେବ୍‌ସାଇଟ୍ ମଧ ମହାମହିମ ଉନ୍ମୋଚନ କଲେ । ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ର.ଡଃ. ଶ୍ରୀ ଗଣେଶି ଲାଲ୍ ଏକ ଶୁଭବାର୍ତ୍ତାରେ ଏହି ମହାନ ଅନୁଷ୍ଠାନ ପ୍ରବାସୀ ଓଡିଆ ମାନଙ୍କ ନିରାପତ୍ତା, ଉନ୍ନତିକୁ ଅଗ୍ରାଧିକାର ଦେବ ବୋଲି ଆଶାବ୍ୟକ୍ତ କଲେ । ଗୋଟିଏ ଛତା ତଳେ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆ ମାନଙ୍କୁ ଏକାଠି କରିବାର ଏହି ଉଦ୍ୟମକୁ ଶ୍ରୀଯୁକ୍ତ ପାତ୍ର ଉଚ୍ଚପ୍ରଶଂସା କଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଡଃ ସମ୍ବିତ ପାତ୍ର, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜକୁମାର, ଓଡିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଜନ ସମ୍ରାଟ ଶ୍ରୀ ଅନୂପ ଜଲୋଟା ସାଂସ୍କୃତିକ କାର୍ନିଭାଲ୍‌କୁ ଉଦ୍‌ଘାଟନ କରିଥିଲେ । ୨୦୨୧ ସେପ୍ଟେମ୍ବର ଉଣେଇଶ ତାରିଖ ମଧ୍ୟରାତ୍ରିରେ ଏହି ବିଶ୍ୱ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା - ବିଶିଷ୍ଟ ନାରିନେତ୍ରୀ, ସମାଜର ପୂର୍ବତନ ସଂପାଦିକା, ସୁସାହିତ୍ୟିକା, ବାଗ୍ମୀ, ଡ. ମନୋରମା ମହାପାତ୍ରଙ୍କ ପାଇଁ । ଅକ୍ଟୋବର ଏକ ତାରିଖ ଦୁଇହଜାର ଏକୋଇଶରେ ଏକ ଆନ୍ତର୍ଜାତିକ ୱେବିନାର କରାଗଲା – ଗାନ୍ଧିଜୀଙ୍କର ଓଡିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଉପକ୍ଷେ "ଗାନ୍ଧୀ ଚର୍ଚ୍ଚା" ଶିରୋନାମାରେ, ଓଡିଶା ସରକାରଙ୍କ ଓଡିଶା ସାହିତ୍ୟ ଏକାଡେମୀର ସହଭାଗିତାରେ । ଏହାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ସାହିତ୍ୟ ଏକାଡେମୀ ସଭାପତି ଡଃ ହୃଷିକେଶ ମଲ୍ଲିକ, ଉପସଭାପତି ଡଃ ସଂଗ୍ରାମ ଜେନା, ସମ୍ପାଦକ ଶ୍ରୀ ପ୍ରବୋଧ ରାଉତ, ସମ୍ପାଦକ - ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଡଃ ସୁରେଶ ଚନ୍ଦ୍ର ଦଳାଇ, ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ର.ଡଃ ଶଙ୍କର କୁମାର ସାନ୍ୟାଲ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ଅକ୍ଟୋବର ମାସ ଅଣତିରିଶ ତାରିଖ ୨୦୨୧ ରେ ଓସ୍ ଜାତୀୟ ପୁରସ୍କାର ବିଜେତା – ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କଲା । ଛଅ ନଭେମ୍ବର ୨୦୨୧ ରେ ଓସ୍ ଏହାର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କଲା । ଆଲୋକ ଉତ୍ସବ ମଧ ଆୟୋଜିତ ହୋଇଥିଲା । ମୁଖ୍ୟ କାର୍ଯ୍ୟାଳୟକୁ ଓଡିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗଣେଶିଲାଲ୍ ଉଦ୍‌ଘାଟନ କରି ଅନୁଷ୍ଠାନର ବୃହତ୍ତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ । ଏଥିରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୨୭ ନଭେମ୍ବର ୨୦୨୧ ରେ 'ଅଙ୍ଗଦାନ' ଶୀର୍ଷକ ଆଭାସୀ ସଭା ଇଣ୍ଡିଆନ୍ ଲିଭର ପେସେଣ୍ଟ ପାଉଣ୍ଡେସନ ସହଭାଗିତାରେ ଆୟୋଜନ କରାଯାଇଥିଲା । ଏଥିରେ ବହୁ ବିଖ୍ୟାତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶାରଦ ମାନେ ଯୋଗ ଦେଇଥିଲେ । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଶ୍ରୀ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପି.କେ. ହୋତା, ଇଂ. ପ୍ରଭାସ ଆଚାର୍ଯ୍ୟ, ଡଃ ବ୍ରଜକିଶୋର ଦାସ ପ୍ରଭୃତି ଯୋଗ ଦେଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ନୈନା ଦାସ ବ୍ରାଣ୍ଡ୍ ଆମ୍ବାସଡର ଥିଲେ । ପ୍ରଥମ ପ୍ରତିଷ୍ଠା ଦିବସ ଜାନୁୟାରୀ ଚଉଦ ୨୦୨୨ରେ କରୋନା ବିଶ୍ୱ ମହାମାରୀର ପ୍ରକୋପ ଯୋଗୁଁ ସାଧାରଣ ଭାବେ ପାଳନ କରାଯାଇଥିଲା । ପୁରୀ ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବଡ ଦେଉଳ, ଦିଲ୍ଲୀ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଦେଶରେ ଥିବା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡିଆ ଓସ୍‌ର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ବର୍ତ୍ତମାନ ୱାର୍ଲଡ ଓଡିଶା ସୋସାଇଟିରେ ପ୍ରାୟ ବିଶ୍ୱର ପଞ୍ଚଷଠି ଦେଶରେ ରହୁଥିବା ଓଡିଆମାନେ ଯୋଗ ଦେଲେଣି । ଏହା ବହୁତ ଆଗକୁ ଯିବାକୁ ପ୍ରଚେଷ୍ଟା ଚାଲିଛି । ଓସ୍‌ର ଦକ୍ଷ ପରିଚାଳନା କମିଟି ବୟାଅଶି ସଦସ୍ୟଙ୍କୁ ନେଇ କାମ କରୁଛି । ନିକଟରେ ଦିଲ୍ଲୀର ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତେବେ ଓଡିଶାକୁ ଓ ଓଡିଶାର ସମସ୍ତ ବିଶେଷତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବାକୁ ଏହି ସଂଗଠନ ଦ୍ରୁତ କାର୍ଯ୍ୟ ଆରମ୍ଭ କରିଛି । ସମସ୍ତଙ୍କର ଆନ୍ତରିକ ଶୁଭକାମନା ଏହି ଅପୂର୍ବ ଅନନ୍ୟ ମଙ୍ଗଳମୟ ଉଦ୍ଦେଶ୍ୟକୁ ନିଶ୍ଚୟ ସଫଳ କରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ । ଜଗତର ନାଥ ଜଗନ୍ନାଥଙ୍କ ଧ୍ୱଜା ସବୁଠୁ ଊର୍ଦ୍ଧ୍ୱରେ ଉଡୁଛି ବୋଲି ବିଶ୍ୱ ଦେଖୁଛି । ତେଣୁ ସେହି ମାଟିର ସନ୍ତାନ ଓଡିଆ, ବିଶ୍ୱର ଶ୍ରେଷ୍ଠ ନାଗରିକ । ସେହି ଧ୍ୱଜା ଉଡି ଉଡି ଓଡିଆଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିବାର ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବାର ମୁଖ୍ୟ ବାହକ ସାଜିବ ଏହି ସଂସ୍ଥା ।


ପ୍ରତିଷ୍ଠାତା, ୱାର୍ଲଡ ଓଡିଶା ସୋସାଇଟି (ବିଶ୍ୱ ଓଡ଼ିଶା ସମାଜ,
ମୋ : ୯୯୩୭୧୭୨୮୧୦


# ଓଲାଶୁଣୀ ପର୍ବତରେ ସାଧୁସେବା ହେବ.......



ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଧାର୍ମିକ, ଆଧ୍ୟାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର । ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି ସହ ପ୍ରସିଦ୍ଧ ଓଲାଶୁଣୀ ପୀଠ ଅନ୍ୟତମ । ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ଠାଟବାଟକୁ ବର୍ଜାଇ ଦେଇ ତ୍ୟାଗପୂର୍ଣ୍ଣ ଜୀବନ ସହ ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ସାଧନାରେ ଗୃହତ୍ୟାଗୀ କରିଥିଲେ । ସେହି ମହାନ୍ ସନ୍ଥ ଅରକ୍ଷିତ ଦାସଙ୍କ ଚଳିତ ବର୍ଷ ହେଉଛି ମହାପ୍ରୟାଣ ତିଥି । ଏହି ତିଥିରେ କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଜନସମାଗମ ହୋଇଥାଏ । ଓଲାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା । ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରିତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ । ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି । ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତୀ ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି । ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା, ସହ ଓଲାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି । ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି - 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର । ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅଜ୍ଞେ ନାଶଯାନ୍ତି ଯେ ଭଜନ୍ତି ସେ ଅମର ।'

ଓଲାଶୁଣୀ ଦେବୀ ପୂଜିତ ହେଉଥିବା ଓଲାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ । ସାଧୁସନ୍ଥ ମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି ପବିତ୍ରମୟ ହୋଇପଡ଼େ । ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି । ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି - 'ଚଣ୍ଡାଳୁ ବ୍ରହ୍ମଯାଏ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ । ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଞ୍ଜଇ ବିଶ୍ୱାସ ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି । ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତେଣୁ ନିଜ ଇଚ୍ଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି । ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ । ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି - 'ହେ ମନ କହୁଅଛି ମୁହିଁ, ଶରୀର ଆମିଷ ଅଟଇ । ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ । ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପୀଢ଼ିକୁ ମଧ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସକ୍ଷମ ହୋଇପାରିବ । ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜିବୀତ କରି ରଖିପାରିବ । ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଲାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି - 'ଓଲାଶୁଣୀ ପର୍ବତରେ ସାଧୁସେବା ହେବ । ଏକାକ୍ଷର ପରୀକ୍ଷାରେ ଅର୍କ୍ଷିତ କରିବ । କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ । ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି । ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଜୀବନ ଚେତନାର ଏକ କାଳଜୟୀ କୃତୀ । ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧ୍ୟାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।


+ପୂର୍ବତନ ଡିଏଫଓ (କେନ୍ଦୁଲିଫ)
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


## କବିତା କୋଣାର୍କ

### ଶୀତ

ତୁଲେଶ୍ୱର କୁମାର ସାହୁ



ଶୀତ ଆରେ ଶୀତ ମତେ ଥରେ
ଆଉଁଷି ଦେଇ ଯା
ତୋର କଅଁଳିଆ ହାତ
ତୋର ମିନି ମିଚିଆ ପାଦ
ତୁ ଦୂର ଦୂରାନ୍ତ ଦେଖୁଥିବା ଦୁଇ
ଆଖିକୁ ମତେ ଥରେ
ଆଉଁଷି ଦେଇ ଯା
ଶୀତ ଆରେ ଶୀତ ମତେ ଥରେ
ଆଉଁଷି ଦେଇ ଯା

ତୁ ମୋ ସହ ଝଗଡ଼ା କଲେ
ମୁଁ ତତେ ଡରି ସୁଇଟର୍ ପିନ୍ଧି ବସେ
ତୁ ମୋ ସହ ବଦ୍ ମାସି କଲେ
ମୁଁ ତତେ ଡରି
ଝରକା ବନ୍ଦ କରି ବସେ
ତୁ ମୋ ସହ ମାଡ଼ ଗୋଲ୍ କଲେ
ମୁଁ ତତେ ଡରି ତତେ ଦକ୍ ଦକ୍
ନିଆଁରେ ଧ୍ୱଂସ କରିଦିଏ

ତୁ ଆସିଲେ ମୁଁ ଖୁବ୍ ହସେ ଖୁବ୍
ହସାଏଁ
ତୁ ଆସିଲେ ପ୍ରକୃତିର ଅଭୟାରଣ୍ୟ
ସତେଜ୍ ଲାଗୁଥାଏ
ଲାଲ୍, ହଳଦିଆ, ସବୁଜରେ
ରଙ୍ଗ ଓ ବେରଙ୍ଗି
ତୁ ଆସିଲେ ଛାତି ମୋ ଥରେ
ବାର୍ ବାର୍ ବାରମ୍ବାର


♥ ରେଗଡା,
କର୍ଲାମୁଣ୍ଡା, କଳାହାଣ୍ଡି
ମୋ- ୭୦୭୭୩୨୭୯୩୧


### ଓଡିଶା ମାତାର ସୁଯୋଗ୍ୟ ସନ୍ତାନ

କୁନା ସେଠୀ

ସାହିତ୍ୟର ରଥୀ ସାହିତ୍ୟ ସାରଥୀ
ସାହିତ୍ୟ ପାଇଁ ଯା ପ୍ରାଣ
ସାହିତ୍ୟ ରଚିଲେ ସମ୍ମାନ ସଞ୍ଚିଲେ
ସାହିତ୍ୟରେ ଦେଲେ ଗୁଣ
ସାହିତ୍ୟ ହସିଲା ପୁଣ
ସାହିତ୍ୟ ଜଗତ ଗୁଣି ହେଉଅଛି
ସାହିତ୍ୟ ପାଇଁ ଯେ ଜାଣ ।

ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ
ଓଡିଶା ମାଟିର ଧନ
ଓଡ଼ିଶାର ପାଣି ପବନରେ ପରା
ଓଡ଼ିଶା ଗଢିଲା ତନ
ଓଡ଼ିଶାର ଭାଷା ଜ୍ଞାନ
ଓଡ଼ିଶାରେ ପୁଣି ସମୃଦ୍ଧି ହୋଇଲା
ଓଡ଼ିଶାର ସନମାନ ।

ଓଡ଼ିଆ ସମାଜ କଥା ବସ୍ତୁ ଯେତେ
ଓଡ଼ିଆରେ ଦେଲ ଲେଖି
ଓଡ଼ିଆ କବିତା,ଗଳ୍ପ ଉପନ୍ୟାସ
ଓଡ଼ିଆର ଭାବ ରଖି
ଓଡ଼ିଆ ରଖିଲା ଆଖି
ଓଡ଼ିଆ ଭାଷାର ଉନ୍ନତି ହୋଇଲା
ଓଡ଼ିଆ ରହିଲା ସାକ୍ଷୀ ।

ସଂକ୍ରାନ୍ତି ପୁରୁଷ ଅଟ ପୁଣି ତୁମେ
ସଂକ୍ରାନ୍ତିରେ ଆବିର୍ଭାବ
ସଂକ୍ରାନ୍ତିରେ ଜନ୍ମି ହେଲ ହେ ଦେଓ୍ୱାନ
ସଂକ୍ରାନ୍ତି ହୋଇଲା ଶୁଭ
ସଂକ୍ରାନ୍ତି ଦେଲା ଲାଭ
ସଂକ୍ରାନ୍ତିରେ ପୁଣି ଲେଉଟିଲ ପୁରେ
ସଂକ୍ରାନ୍ତିରେ ରଖି ଭାବ ।

ସେନାପତି ତୁମେ ଭାଷା ସାହିତ୍ୟର
ସେନାପତି ଓଡ଼ିଶାର
ସେନାପତି ପୁଣି ଏଇ ସମାଜର
ସେନାପତି ଦରିଦ୍ରର
ସେନାପତି ସାହାସର
ସେନାପତି ହୋଇ ରଖିଗଲ ଯଶ
ସେନାପତି ନାମଟିର ।

ସମୟ ଦେଇଛି ଗଳ୍ପ ଉପନ୍ୟାସ
ସମୟ ଦେଇଛି ଲାଭ
ସମୟ ସାଥିରେ ତୁମେ ଲେଖିଅଛ
ସମୟରେ ରଖି ଭାବ
ସମୟ ହୋଇଛି ଶୁଭ
ସମୟରେ ପୁଣି ଉପଯୋଗୀ ହୋଇ
ସମୟ ଦିଏ ପ୍ରଭାବ ।

ପରିଚୟ ଦିଏ ମାମୁଁ ଓ ଲଛମା
ପରିଚୟ ପ୍ରାୟଶ୍ଚିତ
ପରିଚୟ ଛଅ ମାଣ ଆଠଗୁଣ୍ଠ
ପରିଚୟ ସହ ଜାତ
ପରିଚୟ ତୁମ ମିତ
ପରିଚୟ ଦେଲା ରେବତୀ ଗଳ୍ପ ଯେ
ପରିଚୟ ବର୍ଷା ଶୀତ ।

ଅମର ରହିବ ଧୂଳିଆ ବାବା ଯେ
ଅମର ଅନନ୍ତା ହେବ
ଅମର ପେଟେଣ୍ଟ ମେଡିସିନୀ ଥିବ
ଅମର ପଣକୁ ଭାବ
ଅମର ତୁମେ ରହିବ
ଅମର ରହିବ ଫକୀର ମୋହନ
ଅମର ସାହିତ୍ୟ ଭାବ ।

ଜଣାଏ ସମ୍ମାନ ତୁମକୁ ମୋହର
ଜଣାଏ ପ୍ରଣାମ ମୋର
ଜଣାଏ ଓଡିଶା ଦେଇ ତାର ଭାଷା
ଜଣାଏ ସାହିତ୍ୟ ତାର
ଜଣାଏ ଓଡ଼ିଆ ବୀର
ଜଣାଏ ଜଗତ ପ୍ରୀତି ନମସ୍କାର
ଜଣାଏ ଏ ମାଟି ତାର ।


♥ ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ


### ମହୀୟାନ

ନିରଞ୍ଜନ ସାହୁ

ଆଜି କହିଲେ କହିବ
କହୁଛି ବୋଲି ।
ନା ସହିପାରୁଛି
ନା କହିପାରୁଛି
ନା ରହିପାରୁଛି ।
କେମିତି ସହିବି ଯେ ?
ମୁଁ ତ ରକ୍ତମାଂସରେ ଗଢ଼ା ଜୀବଟିଏ
କେତେ ସହନଶୀଳ ଅବା ମୁଁ
କେତେ ଧୈର୍ଯ୍ୟ ଅବା ମୋର ?
କେମିତି ନ କହିବି ଯେ
କେତେଦିନ ଏ ଅଧର୍ମକୁ
ଅପ୍ରକାଶ୍ୟ କରି
ମୁହଁରେ ତୁଣ୍ଡି ବାନ୍ଧି ବସିଥିବି ?
କେମିତି ରହିବି ମୁଁ
ସବୁ ଦେଖିଦେଖି ସବୁ ଜାଣିଜାଣି
ପ୍ରାଣହୀନ ପଥରଟାଏ ପରି
ପଡ଼ି ରହିଥିବି କେତେକାଳ ?
ମୁଁ ବୁଝୁଛି ଯାଉଛି ଯାଉଛି
ତୁମ ମନର କଥା ସତ
ମାତ୍ର ମୋ ବିବେକ
ସତେ ଯେମିତି
ହାର ମାନି ଯାଇଛି ମୁଁ ।
ମୋତେ ବଳ ପ୍ରୟୋଗ କରି
ଅବା ଅନୁନୟ ହୋଇ
ମୋର କଣ୍ଠରୋଧ କରିବାର
ଏ ବୃଥା ପ୍ରୟାସ କାହିଁକି ?
ବରଂ ପାରୁଛ ଯଦି
ନିଜକୁ ସୁଧାରି ନିଅ
ପରିବର୍ତ୍ତନ କରିଦିଅ
ନିଜର ମାନସିକତା ।
ଦେଖିବ ,
ତୁମେ ଅନୁଭବ କରିପାରିବ
' ଅମୃତସ୍ୟ ପୁତ୍ର' ର ମହାତ୍ମା
ତୁମ ଅଲକ୍ଷ୍ୟରେ
ତୁମ ପାଇଁ ପ୍ରସ୍ତୁତ ହୋଇଥିବ
ସ୍ୱାଗତ ଓ ସମ୍ବର୍ଦ୍ଧନାର ପର୍ବ
ଯାହା ତୁମକୁ ମହୀୟାନ କରି ରଖିବ
ଯୁଗଯୁଗ ପାଇଁ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩




## ନିର୍ଜୀବ ନଈବାଲିର ଆତ୍ମଲିପି

### ଅଧ୍ୟାପକ ଶରତ କୁମାର ଦାସ



ମୁଠାଏ ନିଦ ଦିଅ ମୋତେ
ଶୋଇଯିବି ମୁଁ ଆକାଶର ଆଗଣାରେ
ବହଳ ଅନ୍ଧାରକୁ ଛାତିରେ ଜାବୁଡ଼ି
କାହିଁ କୋଉଦିନୁ ଆଖିପତା ଉଜାଗର ଅଛି
ତୋଫା ଆଲୁଅର ମଶଗୁଲ ନିଶାରେ ।

ଦଲକାଏ ପବନ ଦିଅ ମୋତେ
ଶୁଖେଇଦେବି ମୋ'ଝାଳବୁହା ଦେହ
ଅଜାଡ଼ିଦେବି ମୋ' ତମାମ ଦୁଃଖ ଓ
ଅନ୍ତର୍ଦାହକୁ
ଲଣ୍ଡା ପାହାଡ଼ର ଫୁଙ୍ଗୁଳା ମଥାରେ ।

ଚକମକ୍ ତାରା ଭର୍ତ୍ତି ଜହ୍ନରାତି
ଅପହଂଚ ହେଉ ପଛେ
ଦୁଃଖ ନାହିଁ ମୋ'ର
ପାପୁଲିଏ ଶୂନ୍ୟତାକୁ ଆଲିଙ୍ଗନ କରି
ମିଶିଯିବି ସ୍ୱପ୍ନ ଓ ସମ୍ଭାବନାର ଆବର୍ତ୍ତ ମଧ୍ୟରେ
ଗଙ୍ଗଶିଉଳି ମୁଁ ଝରିଯିବି କେବେ ରାତିର
ଅନ୍ଧାରେ ।

ଫାଟାମାଟିର ଭାଗ୍ୟକୁ କାନ୍ଧରେ କାନ୍ଧେଇ
ନିଗିଡ଼ି ପଡୁଥିବା ତତଲା ରକ୍ତରେ
ପଖାଳୁଥିବି ମୁହଁ ସଂଜ ଓ ସକାଳେ
କେରାଏ କଇଁଫୁଲିଆ ହସକୁ ସମାଧିସ୍ଥ କରି

ସ୍ମୃତି ଓ ବିସ୍ମୃତିର ଅତଳ ଗର୍ଭରେ,
ଆଉ ଇଚ୍ଛା ନାହିଁ ମରିମରି ବଂଚିବାର
ଗୋଟେ ପୋଡାକପାଳକୁ ମୁଣ୍ଡରେ ମୁଣ୍ଡେଇ ।

ମୋ' ଭିତରେ ଜଳୁଛି ଜଙ୍ଗଲରେ
ଜଳୁଥିବା ନିଆଁ
ଦିକିଦିକି ଶାଖା ପ୍ରଶାଖା ମେଲି ଚଉଦିଗ,
ଏକ ଲମ୍ବା ତତଲା ଦୀର୍ଘଶ୍ୱାସ
ବାନ୍ଧିଦେଇଛି ମୋତେ ତାଳୁ ଠୁ ତଳିପା' ଯାଏ
ପଇଁତରା ମାରୁଛି ଯାହା ସଇତାନଙ୍କ ସଇତାନୀ
ମୋ' ହୃଦୟର ତପ୍ତ ଅଗଣାରେ ।

କଁ କଁ ଡାକୁଥିବା ଶୁଖିଲା ପେଟରେ
ମାନଚିତ୍ର ଆଙ୍କୁଛି ମୁଁ ଆଂଜୁଳାଏ ଭୋକର
ରାଜରାସ୍ତାର କଳା ମଚ୍ ମଚ୍ ବନ୍ଧୁର ଛାତିରେ,
'ଜିନ୍ଦାବାଦ' ଓ 'ମୁର୍ଦ୍ଦାବାଦ'ର ନାରାକୁ
ପବନରେ ଲେଖି ଦେଖୁଛି ମୁଁ ନିତିଦିନ
ଜଳୁଛି କିପରି ହୁତୁହୁତୁ ମୋ ଭାଗ୍ୟ
ଶୁଖିଲା ପତ୍ର ଭଳି ଗୋଟାପଣ ରଡ ଖରାରେ ।

ଶୀତର କମ୍ପନ, ବୈଶାଖର ଜ୍ୱଳନ
ଓ ବର୍ଷାର ଗୋଇଠାମାଡରେ
ଆହାତ, ଅସ୍ଥିର, କାକୁସ୍ଥ
ମୋ' କଙ୍କାଳସାର ଅବୟବ,
ପଖାଳ କଂସାରେ ଆହୁଲା ମାରୁଛି
ଜରାଜୀର୍ଣ୍ଣ ମୋ' ଅତୀତ-ବର୍ତ୍ତମାନ-ଭବିଷ୍ୟ,
ଘୋଷାରି ଘୋଷାରି ଚାଲିଛି ଯାହା ମୁଁ
ଅମଡା ବାଟରେ ନଇଁ ନଇଁ ବ୍ୟଥା ଓ
ଯନ୍ତ୍ରଣାରେ ।

ଢାଳିଛି ମୁଁ ଅସୁମାରି ଲୁହ ଲହୁ
ଏ ମାଟିର ଛାତିରେ
ମାତ୍ର ଗଢିନି ମୁଁ ସ୍ୱପ୍ନର ଇନ୍ଦ୍ରପ୍ରସ୍ଥ
ନିର୍ଜନ ରାତିରେ
ତୋଳିଛି ମୁଁ ଜହ୍ନ ମୋ' ଶୁଖିଲା ହାତରେ
ମାତ୍ର କେବେ ବି ଭିଜିନି ମୁଁ ତା' ଶୀତଳ
ଜ୍ୟୋସ୍ନାରେ
କିଛି ବି ତ ମାଗିନି ମୋ' ପାଇଁ ଆଜି ଯାଏ ।

ଏବେ ତ ଆତ୍ମୀୟତା ନାଗଫାଶରେ ବନ୍ଧା
ସାଲିସ୍ ପୁଣି କିଟିକିଟି ଅନ୍ଧାର ଆଉ
ମଲ୍ଲିଫୁଲିଆ ଷଡଯନ୍ତ୍ର ସହ
ଛଳନାର ଖୋଳପାରେ ନିଜକୁ ଢାଙ୍କି
ଦିନ ଗଣିବାକୁ ପଡୁଛି ନିଦ ମଳମଳ ଆଖିରେ
ନିର୍ଜୀବ ନଈବାଲିର ନା କୋଉ ଅଛି
ଭବିଷ୍ୟତ
ନା ଅଛି କିଛି ତା' ନିଜସ୍ୱ ଆତ୍ମଲିପି ।


♥ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଶାନ୍ତି ଆଶାରେ

### ପ୍ର. ଗିରିଜା ଶଂକର ଶର୍ମା



ତା ଶରୀରର ମାନଚିତ୍ରରେ
ସୋମାଲିଆର କରୁଣ ଚିତ୍ର ।
କଂକାଳକୁ ଆବୃତ କରି
ତଳକୁ ଓହଳି ପଡ଼ିଥିବା ଚମଡ଼ାର ଥଳି
ଭିତରେ ।
ଆସ୍ଥାନ ଜମେଇଛି ଜୀବାତ୍ମାଟିଏ ।
ନିଗଂତ ନିଶ୍ୱାସ ପ୍ରମାଣ ଦିଏ ସେ ଜୀବିତ ।
ସେ ବସିଛି ।
ଚାହୁଁଛି ପୃଥିବୀରେ ଘଟୁଥିବା ଘଟଣାଗୁଡ଼ିକୁ
ନିର୍ବିକାର ଭାବରେ ।

ସେ ଚିନ୍ତାକରେ, କିଛି କହେନି କାହାକୁ,
କିନ୍ତୁ ଆତ୍ମସ୍ଥ କରିଥାଏ ସବୁ ଦୁଃଖ, ଗ୍ଲାନିକୁ
ଧର୍ମାଧର୍ମ ସଂଘାତକୁ ।

ସେ ଜାଣେ ପୃଥିବୀରେ ଧିରେ ଧିରେ
କମିଯାଉଛି ମଣିଷଙ୍କ ସଂଖ୍ୟା ।
ଅସୁରମାନେ କଳଂକିତ କରୁଛନ୍ତି
ଇତିହାସର ଗରିମା ।
ଏଇ କେତେଦିନ ତଳେ ଗଣ ବଳାତ୍କାରରେ
ଜୀବନକୁ ଭଲଭାବେ ଚିହ୍ନି ନଥିବା
ନଅ ବର୍ଷର ଝିଅଟିର
ନିର୍ବାପିତ ହେଲା ଜୀବନର ଦୀପ
ଏମିତି ଘଟଣା ଦୁର୍ଘଟଣା ସବୁ
ଘଟୁଥାଏ ଏଠି ସବୁବେଳେ
ମାରପିଟ ଚୋରୀ ଚକାରୀକୁ କିଏ ବା
ପଚାରେ ?

କେତେ ଯେ ରମଣୀୟ ସ୍ଥାନଟିଏ ଥିଲା
ଏବେ କିନ୍ତୁ ସବୁଆଡ଼େ ହତାଶାର ଚିତ୍ର
ଗ୍ରହଣ ଗ୍ରସ୍ତ ସାରା ଆକାଶ ।

ଟିକିଏ ଚିନ୍ତା କରିବାର ସମୟ ଆସିଛି ।
ଶାନ୍ତିରେ ରହିବା ପାଇଁ
ବିଶ୍ୱକୁ ମଧୁମୟ କରିବା ପାଇଁ ।
ହାତରେ ହାତ ମିଶେଇ
ଚାଲ ଗାଇବା ସୁଖ ଶାନ୍ତି ମୈତ୍ରୀର ସ୍ୱର ।
ଶାନ୍ତି ଆସିବ ହିଁ ଆସିବ
ଖୋଲିବ ସଂଭାବନାର ଦ୍ୱାର ।


♥ଧନକଉଡ଼ା, ସଂବଲପୁର
ମୋ: ୯୪୩୭୦୮୮୬୦୨


## ଫୁଟିବ ନିଶ୍ଚୟ ଶ୍ରଦ୍ଧା ଶତଦଳ

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



ପ୍ରବଞ୍ଚନାକୁ କେବେ ପାଥେୟ କରି
ପାରେନାହିଁ କେହି ହୃଦୟ ଜିତି
ପାରୁଛ ତ ଯଦି ବିଶ୍ୱାସ ର ପୁଷ୍ପ
ଅଧିର ଆବେଗେ ଦିଅ ରେ ବିଞ୍ଚି ।

ପୋଛିଦିଅ କାହା ଆଖି ଅଶ୍ରୁ ଧାର
ଘନ ଆଶ୍ଳେଷର ପଣତ ପାରି
ପାତି ଦିଅ ଛାତି ଅନୁରାଗେ ମାତି
ସ୍ୱାର୍ଥର ଜହର ଯାଉ ଉତୁରି ।

ପାହିଯାଉ ଯେତେ ଅସୂୟାର ରାତି
ପ୍ରୀତି କୋଳାହଳେ ମଞ୍ଜୁ ସକାଳ
ଫୁଟିବ ନିଶ୍ଚୟ ଶ୍ରଦ୍ଧା ଶତଦଳ
ପବିତ୍ର କରିବ ହୃଦ ଅଞ୍ଚଳ ।

ପୀୟୁଷ ଭରା ଏ ମଣିଷ ମନରେ
କିଏ ଭରିଦେଲା କପଟ ବିଷ
ପର ହୋଇଗଲା ରକତଟି ଆହା
ବଳି ପଡିଗଲା ସୁଖର ହସ ।


♥ଦଶରଥପୁର,
ଯାଜପୁର-୭୫୫୦୦୧


## ଭଗ୍ନାଂଶ

### ସଂଜୀବ କୁମାର ଦାଶ



ମନ ଆଇନାର
ଭଙ୍ଗା ଟୁକୁଡ଼ା ସ୍ମୃତିର ବିକ୍ଷିପ୍ତ କାଚସବୁ,
ଭାବନାର ଦିଗନ୍ତରେ କରିଛି ପାଥେୟ,
ଝଲସୁଛି ସେଠି, ସେଦିନର
ସୁନେଲି ସକାଳ କିରଣ,
ଜୋଛନାର ସୁରା ପିଇ ଉଚ୍ଛନ୍ନ ଜହ୍ନ,
ଡେଇଁ ଡେଇଁ କରୁଛି ପ୍ରବାସ,
ଅଳସେଇ ଉଙ୍କି ମାରୁଛି ବିଗତ,
ସେଇ ଘଞ୍ଚବନାନୀର ସବୁଜିମା ଭିତରେ,
ଅପ୍ରତ୍ୟାଶିତ ଭ୍ରମରର ମଧୁର ଆଳାପ....

ମନ୍ଦିର ଗାତ୍ରରେ ଦେଖ,
କୋଉ ଯୁଗର ବିଖଣ୍ଡିତ ପ୍ରସ୍ତର ରୂପସୀ ,
ତା'ର କଟା ନାସାଗ୍ର, କିୟଦଂଶ ସ୍ତନଯୁଗଳ,
ଅବା, ଭଗ୍ନ ଅଙ୍ଗୁରୀୟମାଳ,
ତଥାପି ସେ ନିତମ୍ବିନୀ, ଅପରୂପା,
ଅନୁନୟୀ ନାୟିକା, ନମ୍ରନିବେଦିତା,
ଭାବତଟସ୍ଥ, ଦେଖଣାହାରୀ, ଉଲ୍ଲସିତ,
ସମ୍ମୋହିତ ପ୍ରାଣଧାରେ ଲାଖିଛି ମାନସୀ,
ତନ୍ନତନ୍ନ ଖୋଜେ ଇତିହାସ.......

ନିଜ ରାସ୍ତାରେ ଚାଲୁଛି ଜଗତ,
କାହା କୁହାବୋଲା କୁପରତେ ନାଇଁ,
କଟା ଗଛଗଣ୍ଡି ଉପରେ ସୁଲୁ ସୁଲୁ ହଲୁଛି,
କତିପୟ କଅଁଳ ପଲ୍ଲଭ,
ଆହୁରି ଜୀବନର ଦୁର୍ବାର ଆଶା,
ଶେଷନୁହେଁ ଏଠି ଖାଲି ପ୍ରାପ୍ତିର ପ୍ରତିଷ୍ଠା,
ବନ୍ଧୁର ପଥାତିକ୍ରମଣ ରେ ବିକ୍ରାନ୍ତିର ଦିବ୍ୟତା,
ସମୟର ଗଣିତ ଖେଳରେ,
ପୂର୍ଣ୍ଣତା, ଯଦିଓ ସ୍ୱାଭାବିକ,
ତଥାପି ଅପରିହାର୍ଯ୍ୟ, ଅସୁମାରି ଭଗ୍ନାଂଶ...


♥ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ: ୯୪୩୭୭୩୯୫୭୭


## ନାରୀ ପୁରୁଷ

### ବୃନ୍ଦାବନ ଦାସ



ପୁରୁଷ ... ନାରୀ, ସିଂହ ...ସିଂହୀ
ବାଘ...ବାଘୁଣୀ ।

କିଏ କାହାକୁ ଛାଡି ବଞ୍ଚି ପାରିବ !
କାଳେ ପୁରୁଷ ଯୁଗଯୁଗ ନାରୀ ଉପରେ
ଦାଉସାଧେ
ପାରିଲାପଣକୁ ଜାହିର କରେ
ଆଉ ନାରୀ ସବୁ ସହିଯାଏ
ଏହା ପଛରେ କେଉଁ ସମ୍ବିଧାନର
ସ୍ୱୀକୃତି ଅଛି !

ପୁରୁଷଟିଏ ମୁଁ
ଅଳିକରେ ନାରୀଟିଏ ପାଖରେ
ସେ ବି ଅଳିକରେ
କେବେ କେବେ ସେ ନାକ ଝିଙ୍ଗାଂସେ
ଚିଡିମିଡି ହୁଏ
ସହିଯାଏ ବି ମୁଁ
ସମସ୍ତଙ୍କ ଅଲକ୍ଷ୍ୟରେ
କେତେଥର ବି ପୋଛିଛି ଲୁହ ।

ନାରୀ ଯେ ଲୁହ ପୋଛିନି ଏକଥା ନୁହେଁ
ନାରୀ ଲୁହ ଦିଶେ ବେଶୀ ଜକଜକ ଜଳଜଳ
ମୋ ଲୁହ ଯା' ଦିଶେନି...
ମୋ ପୌରୁଷର ଅଭିମାନ ତଳେ
ଲୁଚିଥାଏ କାଳକାଳ
ଲୁହାଠୁ ଓଜନ କେତେକ'ଣ ଲୁହ ବିନ୍ଦୁସବୁ
ମୁଁ, ଦେଖାଏନା କେବଳ ପୁରୁଷ ବୋଲି ।

ସବୁ ଉର୍ଦ୍ଧ୍ୱରେ ମା'
ମମତାରେ ପୃଥିବୀକୁ କରିଥାଏ ମା' ମୟ ।

ହେ, 'ବାଦ'ର ପ୍ରବକ୍ତାମାନେ !
ତମ ହିସାବ ନିକାଶର ଅଙ୍କ କଷୁଥାଅ
ତମ ଔଦ୍ଧତ୍ୟକୁ
ତମ ସ୍ୱେଚ୍ଛାଚାରିତାକୁ କିଏ ପଚାରେ ?
ଆମେ ପୁରୁଷ ଅଛୁ ନାରୀ ବି ଅଛୁ
ଖୋଜୁଥିବୁ ପରସ୍ପରକୁ କେଉଁ ଆଦିମ
ସମ୍ମୋହନର ପ୍ରରୋଚନାରେ
ତମ 'ବାଦ' ତ ନୁହେଁ
ଗୋଟେ ଅନାବଶ୍ୟକ ଅହଂପଣ
ଚିତ୍କାର କରୁଥିବ କଣ୍ଠ ଫଟେଇ ।

ଯଦି ପାରୁଛ ଚାଲ, ଖୋଜିବା
ଫ୍ରଏଡଙ୍କୁ...ଫ୍ରଏଡିୟ ଅବବୋଧକୁ ।
ଈଈଈ


♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା-୭୫୪୨୮୯
ମୋ- ୯୭୭୭୮୪୩୦୩୧


## କାଉ- କୋଇଲି

### ଡ. ଅନିଲ ନନ୍ଦ



ଗୋଟାଏ ରାବ
ଅନ୍ଧକାରର ଆକ୍ରମଣ,
ଛିନ୍ନ କରିଛି
ପ୍ରତ୍ୟୁଷର ଆବାହନୀ
ଶେଯରୁ ଡେଇଁ ପଡି
ଧାଇଁଛି ନିଦ
ବେହୋସ୍ ରାସ୍ତାରେ ।

ପଞ୍ଚ ଜ୍ଞାନେନ୍ଦ୍ରିୟ ହତବାକ୍
ବିପତ୍ତି କୋଳରେ
ଚକ୍ଷୁ ଜିହ୍ୱା ନାସା କର୍ଣ୍ଣ ତ୍ୱକ୍
ବୃତ୍ତିରୁ ବୋଧେ ନିଲମ୍ବିତ,
କଚାଡି ପଡି ଖଣ୍ଡଖଣ୍ଡ ସକାଳ ।

ଆଉ ଗୋଟାଏ ସ୍ୱର
ମୃତ୍ୟୁ ସଂଜୀବନୀ
ସାଉଁଟି ଆଣିଛି
ରକ୍ତ ମାଂସ ହାଡ଼
ପୁଣ୍ୟତୋୟା ହେଇ ଧୋଇଛି
ବର୍ଷ ବର୍ଷର ପଚା ଘା'
କୋଟିଏ କର୍ମର ପଶ୍ଚାତ୍ତାପ ।

ସବୁ ଅଙ୍କ
ପରୀକ୍ଷା ଅଧୁଷିତ ନୁହଁ
ସବୁ ମାନସାଙ୍କ
ଦେଇ ଜାଣନ୍ତିନି ସଶ୍ରମ କାରାଦଣ୍ଡ
ସବୁ ଜୟଯାତ୍ରା ମାନନ୍ତି ନାହିଁ
ମିଶାଣ ବା ଫେଡାଣର ସୂତ୍ର
କାଉକୁ କୋଇଲି କିମ୍ବା
କୋଇଲିକୁ କାଉ ନାଆଁ ପିନ୍ଧେଇ ।


♥କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ: ୯୯୩୭୮୪୩୩୬୮


## ଅଳସୀ ମୋ ପ୍ରିୟା

### ବିଶ୍ୱନାଥ ନାଏକ



ଅଳସୀ ମୋ ପ୍ରିୟା ଅଳସ ଭାଙ୍ଗୁଛି
ଶୀତୁଆ ଖରାକୁ ଦେଖି ।
ଅତରଗି ତାର ନିର୍ଝରଣୀ ଦେହ
ଆଖି ଯାଉଥାଏ ଲାଖି ।
ଶୀତୁଆ ସକାଳର ସେକମଳ କୀରଣ
ଛୁଇଁ ଯାଏ ତା ଦେହକୁ ।
ମନେ ଉତ୍କଣ୍ଠା ମୋର ଭରିଯାଏ
ଛୁଇଁବାକୁ ତା ରୂପକୁ ।
କଳା କୋଇଲି ଟି ବସି ଦେଖୁଥାଇ
ଘର ଉପରୁ ବସି ।
ମନେମନେ ସେ ନିଜକୁ ଦେଖେଇ
ଦେଉଥାଏ ଟିକେ ହସି ।
କାଉଁରୀ ଦେହରେ ତରୁଣୀ
ଯଉବନ ତା ସାଙ୍ଗକୁ ଶୀତୁଆ ପବନ ।
କଳା ଘନକେଶକୁ ଗୋଲାପି ଓଠ
ସହେନାହିଁ ଏ ମୋ ମନ ।


♥ଗ୍ରାମ/ ପୋଷ୍ଟ - ଅର୍କିଳ,
ଜିଲ୍ଲା- ଅନୁଗୋଳ , ଓଡ଼ିଶା
ମୋ-୭୮୪୬୯୪୯୮୫୦


## ବନ୍ଧୁ ତୁମେ...

### ପୁଷ୍ପାଞ୍ଜଳି ମିଶ୍ର

ଭିଜା କାକରର ପ୍ରଭାତରେ ଆଜି
ଭିଜେ ନାହିଁ ଦେହ ମନ
କାହିଁକି କେଜାଣି ଫୁଲରୁ ମହକ
ଝରୁ ନାହିଁ ଟିକେ ହେଲେ
ନାହିଁ ଯେ ସରାଗ
ନାହିଁ ଯେ ସେନେହ
ସବୁ ଖାଲି ଖାଲି ଲାଗେ
ମନ ଉପବନେ ସକାଳ ସ୍ୱାଗତ
ବନ୍ଧୁ ମୋର ନେଇ ଆସ
କାଲି ଥିଲ ତୁମେ ଅଚିହ୍ନା ଅଜଣା
ଆଜି ଅତି ଆପଣାର
ଆମ ଏ ବନ୍ଧୁତା ଦୁନିଆଁ ଦେଖୁଛି
କିଏ ବା ଏଠି କାହାର
ତୁଟି ଯାଇଥାଏ ନିରବ ସୁହାଗ
ସବୁ ଖାଲି ଖାଲି ଲାଗେ
ମିଛ ମିଛ ଲାଗେ ଆଜି ଏ ଜୀବନ
ସପନ ଯାଇଛି ଲିଭି
ସବୁ ଏଠି ରଙ୍ଗ ହୀନ
ଆଉ ବାସ୍ନା ଶୂନ୍ୟ
ଯେଉଁ ମନ ଥରେ ପୁରି ଉଠୁଥିଲା
ଅମାନିଆ ନଈ ପରି
ସାଗର ପରି ସେ ହୃଦୟ ଭିତରେ
ପ୍ରେମରେ ମିଶିବା ପାଇଁ
ଆଜି ସେହି ମନ ଅପେକ୍ଷା ରେ ଅଛି
ଖୋଜୁଛି କାହାକୁ ଭ୍ରମର ଟିଏ ହୋଇ
ସଂଜର ସଳିତା ପରି
ଅପେକ୍ଷା ଦୁଆରେ ବସି
କିଏ ଏଠି ଆଜି ରୂପକୁ ଦେଖିକି
ବଢ଼ାଏ ବନ୍ଧୁତା ହାତ
ଆଉ କିଏ ଏଠି ସ୍ୱାର୍ଥ କୁ ଦେଖି
ମିଛ ସମ୍ପର୍କରେ ବାନ୍ଧି ଦେଇଥାଏ
ସୁନ୍ଦର ଅଭିନୟ କରି
ବିପଦେ ଆପଦେ ସଦା ପାଶେ ଯିଏ
ମନ ହୃଦୟ ଦିଏ
ଅବାଟରେ ଗଲେ ବାଟ କଢାଏ
ହୃଦୟର ବନ୍ଧୁଟିଏ ସିଏ
ସାରାଦିନ ଛାତିରେ ରହିଯାଇଥାଏ ।


+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ)୯୫୫୬୬୪୩୯୨୧


## ଏକୁଟିଆ ଝିଅ ମୋର

### ସ୍ନିଗ୍ଧା ପଣ୍ଡା



ତତେ ମୁଁ ଗଢି ପାରିଲିନି
ମାଟି ଭଳି
ସବୁ କିଛି ସହିଯିବାକୁ,
ଆକାଶ ଭଳି
ସବୁ ପାପକୁ କ୍ଷମା କରିଦେବାକୁ
କିମ୍ବା ତୋଫାନ୍ ଭଳି
ଆପଣାର ଅଧିକାର ଛଡେଇ ନେବାକୁ
ତତେ ମୁଁ କରି ଦେଇଛି ଠିଆ
ରାସ୍ତା ମଝିରେ, ଦୋ ଛକିରେ
ମୋ ଅପାରଗତା
ଲେସି ହେଇ ଯାଇଛି ତୋ ଭାଗ୍ୟରେ
ଏକୁଟିଆ ଝିଅ ମୋର
ଅସହାୟା ମାଆ ମୁଁ ତୋର
କିଛି କରି ନ ପାରି
ଗୁମୁରି ମରୁଥାଏ ନିଜ ଭିତରେ ?

ତତେ ଜନମ ଦେଇଛି
ମନଲାଖି ଜୀବନ କିନ୍ତୁ ଦେଇପାରିନି
ଆଜି ତ ବୁଝୁଛି
ଯେତେ କାଳ ବିଶ୍ରାମିଥିଲୁ ମୋ ଗର୍ଭରେ
ସେତେକାଳ ବଞ୍ଚିଥିଲୁ
ଯେଉଁ ମୂହୁର୍ତ୍ତରୁ ଭୂମି ସ୍ପର୍ଶ କଲୁ
ସେ ବେଳରୁ ବୁହା ହୋଇଛୁ ନିତି
ମରଣ କାନ୍ଧରେ ?
ଝିଅ ମୋର ଅଭିଶପ୍ତା ଦେବକନ୍ୟା
ବାହୁଡେଇଦେବି ବୋଲି
ଯେତେଥର ହଲେଇଛି ବିଦାୟର ହାତ
ଅନୁଭବିଛି ସେତେଥର
ମୁଁ ଗୋଟେ କବନ୍ଧ
ଘୁସୁରୁଛି କାହାର ଲୁହ, ଲାଳ ଲଟପଟ
ଚିକ୍‌ମିକ୍ ହସ ଅରଣ୍ୟରେ ?
ତତେ ସୁନାଝିଅର ଜାମା ପିନ୍ଧେଇ
ମୁଁ ଝୁଲିଥିବା ଦୋଳିରେ ଝୁଲେଇ
ତୋ କପାଳକୁ ବନ୍ଧା ଦେଇ ସିନ୍ଦୁରଟୋପାକୁ
ସତରେ ମୁଁ ଅପରାଧୀ ମାଆଟିଏ
ସବୁ ନିଶୂନ୍ ପ୍ରହରରେ
ମୋ ଛାତିରେ ବାଜୁଛି ତୋ ତତଲା ନିଃଶ୍ୱାସ
ସନ୍ତୁଳି ହୋଇ ଯାଉଛି

ଶିରା-ପ୍ରଶିରା, ମାଂସମୟ
ଦେହ ମୋର
ଆହା ! ଝିଅ ମୋର
ଏକୁଟିଆ ଝିଅ ମୋର
କେଉଁଠି ତୁ ? କେତେ ଦୂର ?
ଖୋଜୁଛି ମୁଁ ତତେ
ନିଛାଟିଆ ବେଳ
ଯେବେ ଆସେ ଅଗଣାକୁ ମୋର ?


♥ବରଗଡ -୭୬୮୧୧୧
ମୋ-୯୮୬୧୩୨୩୬୫୦


## ଶୀତ ଆସିଛି

### ସୁମନ ଲେଙ୍କା



ଶୀତ ଆସିଛି ଶୀତୁଆ ସକାଳର
ନୀହାର ବିନ୍ଦୁକୁ ନେଇ
ଶୀତ ଆସିଛି କଅଁଳ ସୂରୁଜ କିରଣରେ
ମୁରୁଜ ବୁଣି ଦେବା ପାଇଁ
ଶୀତ ଆସିଛି ତାର କୋମଳ ପାଦରେ
ଗୋଲାପ କଢ଼ିକୁ ଛୁଇଁ ଦେବାପାଇଁ
ଶୀତ ଆସିଛି କୁଆଁରୀ ମନରେ
ଅସୁମାରି ସ୍ୱପ୍ନ ଭରି ଦେବା ପାଇଁ
ଶୀତ ଆସିଛି କିଆ କେତକୀର
ଅଫୁରନ୍ତ ବାସ୍ନା ନେଇ
ଶୀତ ଆସିଛି ବିହଙ୍ଗ କାକଳିର
ମୃଦୁ ମଳୟର ତାଳରେ
ଶୀତ ଆସିଛି କଅଁଳିଆ ଖରାର
ସୌରଭ ଦୀପ୍ତ ଆଭାରେ
ଶୀତ ଆସିଛି ସଜ ଗୋଲାପର
କୋମଳ ପାଖୁଡାରେ
ଶୀତ ଆସିଛି ଟୋପା ଟୋପା
ଶିଶିର ର ଶୁଭ୍ର ପରଶରେ


♥ ଅଲଣା- ୨,ବଛାଲୋ,
ନାଉଗାଁ, ଜଗତସିଂହପୁର
ମୋ-୭୮୪୮୦୬୨୫୧୦


## ଜୀବନ

### ପ୍ରମୋଦ କୁମାର ମହାପାତ୍ର



ଜୀବନ ଭରା ଯନ୍ତ୍ରଣା
ଜନମରୁ ଜୁଇ ନିୟତି ହାତର ଖେଳଣା ।

ଅଥଳ ଗହୀର ସାଗର
ତହିଁରୁ ତିମିର ସଂସାର,
ମନ୍ଥନ ଯା'ରେ ହଳାହଳ ବିଷ
ଅମୃତ ଅବା କଳ୍ପନା...

ଦୁନିଆଁଟା ମରୁ ସାହାରା
ତତଲା ବାଲିରେ ପହଁରା,
ଚଲାପଥ ଖାଲି ମରୀଚିକା ଭରା
ମରୁଦ୍ୟାନ ଏକ ଛଳନା...

ଅଗନା ଅଗନି ବନସ୍ତ
ସୂର୍ଯ୍ୟାଲୋକ ଯହିଁ ପରାସ୍ତ,
ଅନ୍ଧକାର ଭରା ସୁରଙ୍ଗ ଏ ଯହିଁ
ଆଖିଥାଇ କିଛି ଦିଶେନା...


♥ଭାରତ ସଂଚାର ନିଗମ ଲିମିଟେଡ,
ଭୁବନେଶ୍ୱର,
ମୋ - ୯୪୩୭୫୬୭୮୩୧୧

# ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କଲା ଟିମ୍ ହ୍ୟୁମାନିଟି କନ୍ଧମାଳ

କନ୍ଧମାଳ, ୧୬/୦୧ (ନି.ପ୍ର): ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କରିଛି ଟିମ୍ ହ୍ୟୁମାନିଟି କନ୍ଧମାଳ। ଗତ ଶୁକ୍ରବାର ସକାଳେ ଫୁଲବାଣୀ ବ୍ଲକ ଅନ୍ତର୍ଗତ କେରେଡି ଗ୍ରାମରେ ଜଣେ ବୃଦ୍ଧ ଶୌଚହୋଇ ଯିବାବେଳେ ରାସ୍ତାରେ ମୃତ୍ୟୁ ବରଣ କରିଥିଲେ। ମୃତ ବୃଦ୍ଧ ଜଣକ ହେଉଛନ୍ତି ନିମାଇଁ ଚରଣ ସାହୁ (୯୦)। ତାଙ୍କ ଦୁଇ ଶିକ୍ଷିତ ପୁଅ ଅଛନ୍ତି। ହେଲେ ଦୀର୍ଘ ସମୟ ଧରି ଶବଟି ସେହି ସ୍ଥାନରେ ହିଁ ପଡ଼ି ରହିଥିଲା। ଶେଷରେ ଉଦ୍ଧାର ପାଇଁ କେହି ନ ଆସିବାରୁ ସ୍ଥାନୀୟ ଲୋକେ ଏବଂ ସଦର ଥାନା ଅଧିକାରୀ ଟିମ୍ ହ୍ୟୁମାନିଟିକୁ ଖବର ଦେଇଥିଲେ। ଖବର ପାଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଆଣିବା ସହ ଶେଷ କୃତ୍ୟ ସମ୍ପର୍ଣ୍ଣ କରିଥିଲେ ଟିମ୍ ହ୍ୟୁମାନିଟିର ସଦସ୍ୟ । ହେଲେ ମୃତକଙ୍କ ପରିବାର ଲୋକେ କେହି ଆସିନଥିଲେ ସଦର ଥାନା ଅଧିକାରୀ ଏବଂ ଗ୍ରାମବାସି ଟିମ୍ ହ୍ୟୁମାନିଟି କନ୍ଧମାଳକୁ ସହଯୋଗ ମାଗିଥିଲେ।। ଏଭଳି ଏକ ଅଭାବନୀୟ ପରିସ୍ଥିତିକୁ ବୁଝିବା ପରେ ଟିମ୍ ହ୍ୟୁମାନିଟି କନ୍ଧମାଳର ସଦସ୍ୟ ଭି. ଜଗନ୍ନାଥ ରାଜୁ, ସାଇରାମ ପାତ୍ର, ରାଜୀବ ନେତ୍ର ପଟ୍ଟନାୟକ, ଅନୁପ ବିକ୍ରମ ପାତ୍ର, ଅରବିନ୍ଦ ବେହେରା, ରବୀନ୍ଦ୍ର ମହାରଣା, ସମସ୍ତ ପ୍ରସ୍ତୁତି କରି ନିକଟସ୍ଥ ଶ୍ମଶାନକୁ ନେଇ ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ଜାଲିଠାରେ ହାତୀ ସ୍ମୃତି ସ୍ତମ୍ଭର ପ୍ରତିଷ୍ଠା ଦିବସ ପାଳିତ

ଚମ୍ପୁଆ, ୧୬/୦୧ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ଜାଲି ପଂଚାୟତ ଅନ୍ତର୍ଗତ ଜାଲି ଗ୍ରାମ ଓ ଭୁଇଁପୁର ଗ୍ରାମ ସୀମା ମେର୍ଦେବା ନଈ କୂଳରେ ଅବସ୍ଥିତ ହାତୀ ସ୍ମୃତି ସ୍ତମ୍ଭ ର ଚତୁର୍ଥ ବାର୍ଷିକୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଅବସର ପ୍ରାପ୍ତ ଶିକ୍ଷାବିତ୍ କବି ଜଗବନ୍ଧୁ ମହାନ୍ତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ବନଖଣ୍ଡ ଅଧିକାରୀ ଡି.ଏଫ୍.ଓ. ହନୁମନ୍ତ ଧନାରାଜ୍ ,ମୁଖ୍ୟ ବକ୍ତା ଭାବେ ମହାରାଜ ଶ୍ରୀରାମ ଚନ୍ଦ୍ରଭଞ୍ଜ ବିଶ୍ୱବିଦ୍ୟାଳୟ ଦିତ୍ୱୀୟ ପରିସର ,କେନ୍ଦୁଝର ର ନିର୍ଦ୍ଦେଶକ ପ୍ରଫେସର୍ ଡକ୍ଟର ବନ୍ଧୁ ବାହନ ମହାପାତ୍ର , ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଦିବାକର ମହାନ୍ତ, କବି କୈଳାଶ ଚନ୍ଦ୍ର ତନ୍ତୀ, କ୍ରୀଡା ସଂଗଠକ ବିରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।ମଣିଷ ମାନେ ପ୍ରକୃତି ଠାରୁ ଦୂରେଇ ଯାଇ ପରିବେଶ ଓ ଜଙ୍ଗଲ କୁ ଧ୍ୱଂସ କରି ଚାଲିଥିବାରୁ ବନ୍ୟ ଜୀବ ଜନ୍ତୁ ମାନେ ବିପଦରେ । ବିଶେଷ କରି ହାତୀମାନଙ୍କର ଚଲାପଥ ଓ ବାସସ୍ଥାନ ନଷ୍ଟ କରି ଦେଇ ଥିବାରୁ ଅଦୃଶ୍ୟ ଭାବେ ହାତୀ - ମଣିଷ ଲଢେଇ ଚାଲିଛି । ଜିଲ୍ଲାର ହାତୀ ସଂଖ୍ୟା କମିଯାଇଛି । ଜୀବ ଜନ୍ତୁ ପ୍ରତି ମଣିଷର ସମ୍ବେଦନଶୀଳ ଭାବ ରହିଲେ ପରିବେଶ ସନ୍ତୁଳିତ ରହିବ ବୋଲି ଅତିଥି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ପ୍ରଥମେ ଅତିଥି ମାନଙ୍କୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ପାରମ୍ପାରିକ ରୀତିରେ ବନ୍ଦାପନା କରି ସ୍ୱାଗତ କରି ମଂଚ ନିକଟକୁ ପାଛୋଟି ନିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୃତ ହାତୀର ସ୍ମୃତିରେ ସ୍ମୃତି ସ୍ତମ୍ଭରେ ଅତିଥି ମାନେ ପୁଷ୍ପ, ଧୂପ ,ପ୍ରଦୀପ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନୀଳାମ୍ବର ମହାନ୍ତ ସଂଯୋଜନା କରିଥିବାବେଳେ ହାତୀ ସ୍ମୃତିସ୍ତମ୍ଭ ର ପ୍ରତିଷ୍ଠାତା ଡ଼କ୍ଟର କୃଷ୍ଣ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ । ଏହି ଅବସରରେ ପରିବେଶ ବିତ୍ ବଂଶୀଧର ମହାନ୍ତ, ହରେକୃଷ୍ଣ ମହାନ୍ତ, ଇଞ୍ଜିନିୟର କ୍ଷୀରୋଦ ଚନ୍ଦ୍ର ନାଏକ, ସୁବର୍ଣ୍ଣ ମୁଣ୍ଡା, ମାନି ମୁଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ସ୍ୱତନ୍ତ୍ର ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବୃକ୍ଷ ପ୍ରେମୀ, ପରିବେଶ୍ୱିତ୍ କାଶୀନାଥ ମହାନ୍ତଙ୍କୁ , ଗଜରାଜ୍ ସମ୍ମାନରେ ସମ୍ମାନିତ କରି ସମ୍ବର୍ଦ୍ଧିତ କରିଥିଲେ । ସୁ - ଗୃହିଣୀ ଭାବେ ପ୍ରଫେସର୍ ଡ଼କ୍ଟର ବନ୍ଧୁ ବାହନ ମହାପାତ୍ର ଙ୍କ ସହଧର୍ମିଣୀ ସୁଶ୍ରୀ, ଶ୍ରୀମତୀ ପ୍ରତିମା ମହାପାତ୍ରଙ୍କୁ ମଧ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମକୁ ହସ୍ତୀ ସ୍ମୃତି ସ୍ତମ୍ଭ କମିଟି ର ସଦସ୍ୟ ଲକ୍ଷ୍ମୀଧର ନାୟକ,ସୁଷମା ନାୟକ,ଯଯାତି ନାୟକ,ସ୍ୱୟଂପ୍ରଭା ନାୟକ, ପ୍ରଜ୍ଞାପରମିତା, ଅପରାଜିତା ପ୍ରିୟଦର୍ଶିନୀ (ପୂଜା), କବିନ୍ଦ୍ର ନାୟକ, ଡମ୍ବରୁଧର ମହାନ୍ତଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ବିରେନ୍ଦ୍ର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଥଇଥାନ ନକରି ଆରଏସପି ଭାଙ୍ଗିଦେଲା ୭୦ ଘର

ରାଉରକେଲା, ୧୬/୦୧ (ନି.ପ୍ର): ସହର ସାରା ଆରଏସପି ଇଲାକାରେ ଜବରଦଖଲରେ ଅନେକ ବସ୍ତି, ଏସବୁ ଆରଏସପିର ଲ୍ୟାଣ୍ଡ ଗାର୍ଡ ବିଭାଗ ଦୀର୍ଘ ଦିନ ହେଲା ଦେଖୁଛି କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ, ହେଲେ ଗାନ୍ଧୀଜୀଙ୍କ ନାମରେ ପାର୍କ କରାଯିବ ବୋଲି ଇସ୍ପାତ ମାର୍କେଟ ପାଖରେ ଦୀର୍ଘ ୫୦ ବର୍ଷ ଧରି ରହୁଥିବା ୭୦ ପରିବାରକୁ ଥାଇଥାନ ନକରି ରାଉରକେଲା ଇସ୍ପାତ କାରଖନା କର୍ତ୍ତୃପକ୍ଷ ସେମାନଙ୍କ ଘର ଭାଂଗିଦେବା ଓ ସେମାନେ ୭ ଦିନ ହେଲା ରାସ୍ତା କଡରେ ଥଣ୍ଡାରେ ଶୋଇ ରହିବା ଘଟଣା ଆଜି ସହରର ବୁଦ୍ଧିଜୀବି ମହଲରେ ନାନା ପ୍ରଶ୍ନ ଠିଆକରିଛି। ରାଉରକେଲାରେ ହକି ବିଶ୍ୱକପ ଚାଲିଥିବା ବେଳେ କାଲିଠାରୁ ମ୍ୟୁଜିକ ଫେଷ୍ଟର ଆନନ୍ଦ ନେଉଛନ୍ତି ଲୋକେ। ନିଜେ ମୁଖ୍ୟମନ୍ତ୍ରୀ ରାଉରକେଲା ଆସିଥିଲେ । ଅନେକ ଅଫିସର, ଫାଇଭ-ଟି ସଚିବ ମଧ ଆସି ଫେରିଛନ୍ତି। ଆଜି ସେଲ ଚେୟାରମ୍ୟାନ ମଧ ରାଉରକେଲାକୁ ଖେଳ ଦେଖିବାକୁ ଆସୁଥିବାର ଖବର ମିଳିଛି । ତେବେ ଏତେ ଅମାନୁଷିକ ଭାବେ ୭୦ ପରିବାରର ଘର ଭାଙ୍ଗିଦେବା ସେମାନଙ୍କ ଜିନିଷପତ୍ର ନଷ୍ଟ ହେବା, ସେମାନେ ରିଂରୋଡ କଡରେ ପଡି ରହିବା ଆମ ଓଡିଶା ଓ ରାଉରକେଲାର କେଉଁ ସମ୍ମାନକୁ ବଢାଇଲା ବୋଲି ଆଲୋଚନା ଚାଲିଛି । ଖୋଦ ଗାନ୍ଧିଜୀ ଯେତେବେଳେ ନିଜ ଲାଗି କିଛି ଚାହିଁନଥିଲେ, ଦେଶବାସୀଙ୍କ ଲାଗି ସେ ସଦା ସର୍ବଦା ନିଜକୁ ଉତ୍ସର୍ଗୀକୃତ କରିଦେଇଥିଲେ ତାଙ୍କ ନାମରେ ହେବାକୁ ଥିବା ପାର୍କ ଲାଗି ସେ ଭଲପାଉଥିବା ମଣିଷ ଉପରେ ଏଭଳି ଅତ୍ୟାଚାର କାହିଁକି କରାଗଲା ସେ ଅଧିକାର କିଏ ଦେଲା ଏବେ ପ୍ରଶ୍ନ ହେଉଛି । ବସ୍ତିବାସିନ୍ଦାଙ୍କ କହିବା ଅନୁଶାରେ, ସେମାନେ କାମ ଧନ୍ଦା କରି ଚଳନ୍ତି, କିଏ ଠେଲା ଚଳାଏ ତ ଅଉ କିଏ ବାସନ ମାଜି ଭିକ ମାଗି ଚଳେ । ସେମାନେ ୫୦ ବର୍ଷରୁ ଅଧିକ ସମୟ ଧରି ସେହି ଅଂଚଳରେ ରହି ଆସିଛନ୍ତି, ତାଙ୍କ ବସ୍ତିର ନାମ ଗଣେଷ ବସ୍ତି ବୋଲି ପ୍ରାୟ ସମସ୍ତେ ଜାଣନ୍ତି । ଖାଲି ଏମାନେ ନୁହଁନ୍ତି ସହରର ଆରଏସପି ସମେତ ଅନ୍ୟ ଅଂଚଳରେ ଏହିଭଳି ଅନେକ ବସ୍ତି ରହିଛି । ଯଦି ଏମାନଙ୍କୁ ଉଠାଇବାର ଥିଲା ତେବେ ସେମାନଙ୍କୁ ପ୍ରଥମେ ଥଇଥାନ କରାଜିବାର ଆବଶ୍ୟକ ଥିଲା, ସେମାନେ ସେଠାରେ ନିଜ ଘର କରିସାରିବା ପରେ ତାଙ୍କୁ ଏଠାରୁ ଉଛେଦ କରାଯାଇ ପାରିଥାନ୍ତା, କିନ୍ତୁ ହଠାତ ଏଭଳି ଘର ଭାଂଗିଦେବା ଓ ସେମାନେ ରାସ୍ତା କଡରେ ଶୋଇବା କେତେ ଦୁର ଯୁକ୍ତି ଯୁକ୍ତ ବୋଲି ପ୍ରଶ୍ନ ହେଉଛି । ଖାଲି ଆରଏସପିର ଖାଲି ଥିବା ଯାଗା ଏଠି ଜବରଦଖଲ ହୁଏନି ଆରଏସପିର ନିଜସ୍ୱ ଅନେକ ଘର ମଧ ଏଠି ଜବର ଦଖଲ ହୋଇ ରହିଛି, ସେଠାରେ ଅନେକ ବେଆଇନ କାମ ମଧ ଚାଲୁଛି । ଏନେଇ ଅନେକ ମାମଲା ମଧ ହେଉଛି, କିନ୍ତୁ ସେ ସବୁ ଘରକୁ ଦାୟିତ୍ୱରେ ଥିବା ଆରଏସପି ବାବୁ ମାନେ ଦଖଲକୁ ନେଇ ପାରୁନାହାନ୍ତି, ଖାଲି ମାର ମାର ଭଣ୍ଡାରିଆକୁ ମାର ନୀତିରେ ଏହି ଗରୀବ ମାନଙ୍କ ଉପରେ ଦାଉସାଧିବାରେ ଏମାନଙ୍କୁ ସୁବିଧା ହେଉଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ଆରମ୍ଭ ହେଲା ରାଜ୍ୟ ସିନିଅର ବ୍ୟାଡମିଣ୍ଟନ ଚମ୍ପିଆନସିପ

ବଲାଙ୍ଗୀର, ୧୬/୦୧ (ନି.ପ୍ର): ସ୍ଥାନୀୟ ପିଆର ହାଇସ୍କୁଲ ବ୍ୟାଡମିନ୍ଟନ ଇନଡୋର ଷ୍ଟାଡିଅମ ଠାରେ ଆଜି ରାଜ୍ୟ ସିନିଅର ଚମ୍ପିଆନସିପ ଆରମ୍ଭ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୨୪ ଜଣ ମହିଳା ଖେଳାଳି ଓ ୧୦୭ ଜଣ ପୁରୁଷ ଖେଳାଳି ଭାଗ ନେଇଛନ୍ତି । ପ୍ରଥମ ଦିନରେ ଉଭୟ ବର୍ଗରେ ୮୪ ଗୋଟି ମ୍ୟାଚର ବ୍ୟବସ୍ଥା ରହିଛି । ଖବର ଲେଖା ଯିବା ପର୍ଯ୍ୟନ୍ତ ୭୦ ଗୋଟି ମ୍ୟାଚ ଓ ଦୁଇ ରାଉଣ୍ଡ ସମାପ୍ତ ହୋଇ ସାରିଛି । ଅରବିନ୍ଦ, ବିକ୍ରାନ୍ତ, ସ୍ୱାଧୀନ, ସୁମନ୍ତ ଗୀତାଶ୍ରୀ, ଶୃତି ଓ ଅଂଶିକା ତୃତୀୟ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି । ଆଜି ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଧର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଜିଲ୍ଲାରେ ଖେଳ ଓ ଖେଳାଳିଙ୍କ ଉନ୍ନତି ପାଇଁ ସଦା ତତ୍ପର ରହିଛି । ଏଭଳି ପ୍ରତିଯୋଗିତା ଜିଲ୍ଲାରେ ଖେଳ ଓ ଖେଳାଳିଙ୍କ ବିକାଶ କରିବା ସହ ନୁତନ ଖେଳାଳି ସୃଷ୍ଟି କରିବାରେ ବିଶେଷ ସହାୟକ ହେବ ବୋଲି ନିଜ ଉଦବୋଧନରେ କହିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଇଣ୍ଡୋର ଷ୍ଟାଡିଅମରେ ଉପଲବ୍ଧ ଥିବା ବିଭିନ୍ନ ସୁବିଧାକୁ ନେଇ ପ୍ରଶଂସା କରିଥିଲେ । ସାଂଗଠନିକ ସଂପାଦକ ସୁରୁଲାଲ ମଟାରିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା, ଏକମୋଡେସନ ଇନଚାର୍ଜ ମାନସ ମହାନ୍ତି, ଫୁଡ ଇନଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧିର ପଣ୍ଡା ,କୋଡିନେଟର ସୁରେନ୍ଦ୍ର ନେପାଳ, ଆଦିତ୍ୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନ କେବଳ ଲିଗ ମ୍ୟାଚ ଗୁଡିକ ଅନୁଷ୍ଠିତ ହୋଇଥିବାବେଳେ ପ୍ରାୟ ସମସ୍ତ ନାମି ଖେଳାଳି ନିଜର ବିଜୟ ଧାରା ଜାରି ରଖିଛନ୍ତି । ପୁରୁଷ ବର୍ଗରେ ଅରବିନ୍ଦ, ବିକ୍ରାନ୍ତ, ଅମ୍ରିତ, ଅଭିଜିତ, ଆରୟା, ସ୍ୱାଧୀନ, ସୁମନ୍ତ, ପାରସ,ଅନିର୍ବାନ ଓ ଆୟୁଷ ନିଜ ନିଜ ମ୍ୟାଚ ଜିତି ତୃତୀୟ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି । ସେହିପରି ମହିଳା ବର୍ଗରେ ଗୀତାଶ୍ରୀ, ଶୃତି, ଅଂଶିକା, ହର୍ଷିତା, ସ୍ୱାଗତିକା ଓ ବର୍ଷା ନିଜ ନିଜ ମ୍ୟାଚରେ ବିଜୟ ବାନା ଉଡାଇଛନ୍ତି । ଚିଫ ରେଫରି ତଥା ମ୍ୟାଚ କନଟ୍ରୋଲର ବିଜୟ ବାଗ, ଜୟନ୍ତ ମିଶ୍ର ଡେପୁଟି ରେଫରି, ସୁନିଲ ବେହେରା, ହେମନ୍ତ ପ୍ରଧାନ, ଆଶିଷ ଉପାଧାୟ, ରାଜକିଶୋର ଶତପଥି,ଚନ୍ଦ୍ରଶେଖର ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୌରଭ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ଆସନ୍ତା କାଲି ସମସ୍ତ ଟପ୍ ର୍ଯାଙ୍କ ଖେଳାଳି ପରସ୍ପର ମଧ୍ୟରେ ଭିଡିବାକୁ ଥିବା ବେଳେ ମ୍ୟାଚ ଗୁଡିକ ବେଶ ରୋମାଂଚକର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

# ନିଖିଳ ଉତ୍କଳ ପ୍ରାଥମିକ ସଂଘର ସାମ୍ବିଧାନିକ ସମ୍ମିଳନୀ: କାର୍ଯ୍ୟକର୍ତ୍ତା ନିର୍ବାଚନ

ବଲାଙ୍ଗିର , ୧୬/୦୧ (ନି.ପ୍ର): ସ୍ଥାନୀୟ ଜନ କଲ୍ୟାଣ ମଣ୍ଡପ ଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ର ସାମ୍ବିଧାନିକ ସମ୍ମିଳନୀ ଓ ନିର୍ବାଚନ ବଲାଙ୍ଗିର ଠାରେ ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନ ସଭା ଟି ୮.୧.୨୦୨୩ ତାରିଖ ଅନୁସାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ରାଜ୍ୟ ଫେଡରେସନ କାଉନ୍ସିଲ ସଭ୍ୟ ମାନଙ୍କ ଉପସ୍ଥିତିରେ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡରେସନ ପୂର୍ବତନ ସଭାପତି ତ୍ରିଲୋଚନ ନାୟକ ପୂର୍ବ କମିଟି କୁ ଭାଙ୍ଗି ଦେଇଥିଲେ ଓ ନିର୍ବାଚନ କମିଟି ଜରିଆରେ ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା । ନୂତନ ରୂପେ ସଭାପତି ଶାନ୍ତିଲତା ସାହୁ, ଉପ ସଭାପତି ତେଜରାଜ ହୋତା, ବିରେନ୍ଦ୍ର ସ୍ୱାଇଁ, ଶିଶିର ଖଟୁଆ, ସୀତା ମିଶ୍ର, ପ୍ରକାଶ ପାଗଳ । ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ଅଂଚଳ ସେକ୍ରେଟାରୀ ମନୋଜ ସେଠ ପଶ୍ଚିମ ଓଡିଶା, ଲିପୁ ମୀରା ଦକ୍ଷୀଣ ଓଡିଶା, ବିଧୁ ନାୟକ ପୂର୍ବ ଓଡିଶା, ଆରସ ମଲ୍ଲିକ ଉତର ଓଡିଶା । ଉପଦେଷ୍ଟା ତ୍ରିଲୋଚନ ନାୟକ, ଜୟନ୍ତୀ ପଣ୍ଡା, ଦିଲ୍ଲୀପ ବହିଦାର, ଭୁବନେଶ୍ୱର ଦ୍ୱିବେଦୀ, ଭଗବାନ ପଣ୍ଡା । ସହ ସମ୍ପାଦକ ସ୍ୱର୍ଣ୍ଣ କାନ୍ତି ସାହୁ ଓ ପ୍ରଶାନ୍ତ ପୁରୋହିତ । କୋଷାଧ୍ୟକ୍ଷ ଦୁଃଶାସନ ପରଗନିଆ ଓ ଅଡିଟର ସୁବାଷ ଦାଶ, ଗଙ୍ଗାଧର ନାୟକ, ସମର୍ପିତକ୍ଷ ପୃଷ୍ଟି ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ପଶ୍ଚିମ ଓଡିଶାର ୧୭ ଗୋଟି ଜିଲ୍ଲାର ୨୦୦ ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ସଭ୍ୟ ସଭ୍ୟା ବ୍ୟତୀତ ଅନ୍ୟାନ୍ୟ ଜିଲାରୁ କାର୍ଯ୍ୟକର୍ତ୍ତା ମାନେ ଯୋଗଦାନ କରିଥିଲେ ।

# ସମାଜ ମୋ ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା, ୧୬/୦୧ (ନି.ପ୍ର): ସମାଜ ମୋ ପରିବାର ପକ୍ଷରୁ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ କଂଟିଗଡିଆସ୍ଥିତ ପୂର୍ଣ୍ଣିମା କ୍ଲବ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲ । ଶିବିରକୁ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧରେ ବରିଷ୍ଠ ସୁସାହିତ୍ୟିକ ଡ. ପ୍ରୀୟନାଥ ମହାପାତ୍ର, କଂଟିଗଡିଆ ସରପଂଚ ପ୍ରଶାନ୍ତ ରାଉତ, ସମିତିସଭ୍ୟ ଅରୂପାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଅଭିଜ୍ଞ ଡାକ୍ତର ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ । ୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି । ସମାଜ ମୋ ପରିବାରର ଏଭଳି ମହତ କାର୍ଯ୍ୟକୁ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।

ସମାଜ ମୋ ପରିବାର ସଭାପତି ଗୋପିନାଥ ରାଉତ, ଜ୍ୟୋତିରଂଜନ ସାହୁ, ନିର୍ମଳ ଚନ୍ଦ୍ର ନାୟକ, ପ୍ରତାପ ସାମଲ, ଜିତେନ୍ଦ୍ର ରଣା, ରତିକାନ୍ତ ମହାନ୍ତି, ହିତେଶ ସେନାପତି, ସୂର୍ଯ୍ୟମଣୀ ପଣ୍ଡା, ସଦାନନ୍ଦ ହୋତା, ସୁଶାନ୍ତ ମହାପାତ୍ର, ରସାନନ୍ଦ ମହାନ୍ତି, ମନୋଜ ରାଉତ, ମନୋରଂଜନ କର ଓ ବିଜୟ କେତନ ସାମଲଙ୍କ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବୌଦ୍ଧର ତୃତୀୟ ସନ୍ଧ୍ୟାରେ ଶାଶ୍ୱତ ଯୋଶୀ ଓ ସାଥିଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

ବୌଦ୍ଧ, ୧୬/୦୧ (ନି.ପ୍ର): ବୌଦ୍ଧ ପ୍ୟାରେଡ ପଡିଆ ଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ ପଲ୍ଲୀଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ତୃତୀୟ ସନ୍ଧ୍ୟାରେ ଅତିଥିଭାବେ ଜିଲ୍ଲାପାଳ ସତ୍ୟରଂଜନ ସାହୁ ଓ ତାଙ୍କ ଧର୍ମପତ୍ନୀ ଅନସୂୟା ସାହୁ, ଜିଲ୍ଲାଦୌରଜଜ ବିକ୍ରମ କୁମାର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସୁଜାତା ପ୍ରଧାନ, ଓ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମିନା ଓ ତାଙ୍କ ଧର୍ମପତ୍ନୀ ଅଶା ମିନା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତୃତୀୟ ଦିନ ସାଂସ୍କୃତିକ ସନ୍ଧ୍ୟାରେ ଶାଶ୍ୱତ ଯୋଶୀ ଓ ସାଥିଙ୍କ ନୃତ୍ୟ ପରିବେଷଣ ହୋଇଥିବା ବେଳେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନଭରି ଉପଭୋଗ କରିଥିଲେ । ଏହା ସହ ଲକ୍ଷ୍ୟ କଳା ପକ୍ଷରୁ ସୋଲ ନୃତ୍ୟ, ଶିବାୟ ନୃତ୍ୟୁ ଗ୍ରୁପ ଢେଙ୍କାନାଳ ପକ୍ଷରୁ ଫ୍ୟୁଜନ ଡେନସ କ୍ରିଷ୍ଣା, ବଡବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଗନ୍ଧରାଡ଼ୀ କଳା ପରିଷଦ ଜଗତି ପକ୍ଷରୁ ଆଦିବାସୀ ନୃତ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧ ପକ୍ଷରୁ ମାଇଥୋଲୋଜିକାଲ ନୃତ୍ୟୁ, ଗୌରି ଶଙ୍କର ପବ୍ଲିକ ସ୍କୁଲ ପକ୍ଷରୁ ସମ୍ବଲପୁରି ନୃତ୍ୟ, ଜାଭିୟର ସ୍କୁଲ ପକ୍ଷରୁ ଗଣେଶ ବନ୍ଦନା ପରିବେଷଣ କରାଯାଇଥିଲା । ମଂଚ ପରିଚାଳନା କରିଥିଲେ ରାଜ୍ୟ ସଂସ୍କୃତି ପରିଷଦର ଉପସଭାପତି ଅବନୀ ମିଶ୍ର । ସକାଳେ ମହୋତ୍ସବ ପଡିଆରେ ମୁକ୍ତାକାଶ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୮୧୯ ଜଣ ଛାତ୍ର ଛାତ୍ରୀ ଓ ୧୦୮ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି ଓ କର୍ମଚାରୀ ଯୋଗ ଦେଇ ହକି ଉପରେ ଚିତ୍ରାଙ୍କନ କରିଥିଲେ । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ନିଜେ ଜିଲ୍ଲାପାଳ ଶ୍ରୀ ସାହୁ ଛାତ୍ରଛାତ୍ରୀଙ୍କ ସହ ତଳେ ବସି ଚିତ୍ର ଅଙ୍କନ କରିଥିଲେ । ଚଳିତ ବର୍ଷ ଜିଲ୍ଲା ମହୋତ୍ସବ ପଡିଆକୁ ସୁନ୍ଦର ଭାବେ ସାଜସଜ୍ଜା ହୋଇଥିବା ବେଳେ ଅଧିକ ଆର୍କଷଣୀୟ କରିବା ପାଇଁ ପଲ୍ଲିଶ୍ରୀ ମେଳା ସହିତ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ । ମହୋତ୍ସବରେ ଚଳିତ ବର୍ଷ ୨୩୦ ଗୋଟି ଷ୍ଟଲ ଖୋଲାଯାଉଥିବାବେଳେ ସେଥିମଧ୍ୟରେ କେବଳ ବୟନିକା ପକ୍ଷରୁ ୧୧୨ ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ସମାଗ୍ରୀ ବିକ୍ରୟ କରାଯାଉଛି । ମହୋତ୍ସବରେ ଚଳିତ ବର୍ଷ କଳାହାଣ୍ଡି ଓ ବାଲେଶ୍ୱରର କାଠ କାରିଗରୀ , ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ଟେରାକୋଟା,ପୁରୀର ଗାଲିଚା, ଯାଜପୁରର ଟସର ଓ ମୟୁରଭଞ୍ଜ ର ସବାଇ ଇତ୍ୟାଦି ପ୍ରଦର୍ଶିତ ହେବା ଓ ବ୍ରିକୟ ହେଉଛି । ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ ହେଉଛି ।

# ଭୋଟର ଦିବସରେ ୫ ହଜାର ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକଙ୍କୁ ନେଇ ହେବ ମାନବ ଶୃଙ୍ଖଳ

ବୌଦ୍ଧ, ୧୬/୦୧ (ନି.ପ୍ର): ଆସନ୍ତା ୨୫ ତାରିଖ ଦିନ ଜାତୀୟ ଭୋଟର ଦିବସ ଜିଲ୍ଲାସ୍ତରରେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ପଡିଆଠାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟରଂଜନ ସାହୁ ଯୋଗଦେଇ ଜାତୀୟ ଭୋଟର ଦିବସର ଗୁରୁତ୍ୱ ଉପରେ କହିବା ସହିତ ଏହି ଦିବସକୁ ଜିଲ୍ଲାରେ ମହାସମାରୋହରେ ପାଳନ କରିବାକୁ ଏବଂ ପ୍ରାୟ ୫ ହଜାର ଛାତ୍ରଛାତ୍ରୀଙ୍କ ସମେତ ଜିଲ୍ଲାର ସାଧାରଣ ନାଗରିକଙ୍କୁ ଲୋକଙ୍କୁ ସାମିଲ କରାଇ ଭୋଟର ସଚେତନତା ପାଇଁ ମାନବ ଶୃଙ୍ଖଳ ସୃଷ୍ଟି କରିବାକୁ ମତପ୍ରକାଶ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୋଟର ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବାକୁ ମଧ ନିଷ୍ପତି ଗ୍ରହଣ କରାଯାଇଥିଲା । ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ରବିନ୍ଦ୍ରନାଥ କହଁରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇ ବିଭିନ୍ନ ସଂଗଠନକୁ ସାମିଲ କରିବାକୁ ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ଏହି କମିଟିରେ ଏନଏସି ଅଧକ୍ଷ ମୃତ୍ୟୁଂଜୟ ମିଶ୍ର,ଜିଲ୍ଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର,ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶାଙ୍କ ଶେଖର ମିଶ୍ର,ଅଧାପକ ପ୍ରବୀର କୁମାର ଦାଶ,ଜିଲ୍ଲା ଶିକ୍ଷା ଅଧିକାରୀ ଡଃ.ଉଦୟନାଥ ମାଝି ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏନଏସି ଅଧକ୍ଷ ଶ୍ରୀମିଶ୍ର ମାନବ ଶୃଙ୍ଖଳ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ,ମହାବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ,ବରିଷ୍ଠ ନାଗରିକ,ବୁଦ୍ଧଜିବୀ,ବ୍ୟବସାୟୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କୁ ସାମିଲ କରାଗଲେ ଏହା ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବବିତାରାଣୀ ଦଳବେହେରା ଓ ସହକାରୀ ଜିଲାପାଳ ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦଲାଲଙ୍କ କବ୍‌ଜାରେ କାଲିମେଳା ଫାର୍ମ କଲୋନୀ ମଣ୍ଡି: ଚାଷୀ ଉପେକ୍ଷିତ

ମାଲକାନଗିରି, ୧୬/୦୧ (ନି.ପ୍ର): ଗତ ମାସ ୧୪ ତାରିଖ ରୁ ମାଲକାନଗିରି ଜିଲ୍ଲା ର ୭ ଟି ବ୍ଲକ ରେ ୬୬ ଟି ସ୍ଥାନ ରେ ମଣ୍ଡି ଖୋଲାଯାଇ ଲ୍ୟାମ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ କ୍ରୟ କରାଯାଇଛି ! ଏହି ପରିପ୍ରେକ୍ଷୀରେ କାଲିମେଳା ଲ୍ୟାମ୍ପ ପକ୍ଷରୁ ୧୩ ଟି ସ୍ଥାନରେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଗୋଟିଏ ସ୍ଥାନରେ ଧାନ କିଣା ଯାଉଛି ! ପ୍ରକାଶ ଥାଉକି କାଲିମେଳା ସଦର ମହକୁମା ମଣ୍ଡିରେ ଗତ ବର୍ଷ ମାଳତୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଭେଙ୍କଟ ପାଲମ, କୋଇମେଟଲା , କାଲିମେଳା, ବଡ଼ିଗେଟା ଓ ତେଲରାଇ ଏହି ୫ ଟି ପଂଚା ୟତ ର ଧାନ କିଣୁ ଥିଲେ, ହେଲେ ଚଳିତ ବର୍ଷ ବଡ଼ିଗେଟା ଓ ତେଲରାଇ ପଂଚା ୟତ ର ସରପଂଚ ଓ ଚାଷୀ ମାନେ ସେମାନଙ୍କ ସୁବିଧା ପାଇଁ ଏମ ଭି -୯୦ ସ୍ଥିତ ଫାର୍ମ କଲୋନୀ ରେ ଏକ ମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ ! ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେଠାରେ ଚଳିତ ବର୍ଷ ମଣ୍ଡି ଖୋଲା ଯାଇ ଥିଲା !ଏହି ମଣ୍ଡି ରେ ଚାଷୀ ଙ୍କ ସୁବିଧା ହେବା ପରିବର୍ତେ ସେମାନଙ୍କୁ ଉପେକ୍ଷିତ କରାଯାଇ ଦଲାଲ ଙ୍କୁ ଗୁରୁତ୍ୱ ଦିଆ ଯାଉଥିବାର ଚାଷୀ ମାନେ ଅଭିଯୋଗ କରିଛନ୍ତି ! ପ୍ରତ୍ୟେକ ରବିବାର ଦିନ ଏହି ମଣ୍ଡି ରେ ଚାଷୀ ଙ୍କ ଠାରୁ ୩୦୦୦କୁଇଣ୍ଟାଲ ଧାନ କିଣାଯାଉଛି, ନୂତନ ଭାବେ ହେଇଥିବା ଏହି ମଣ୍ଡି ର ସଫେଇ ପାଇଁ ଚାଷୀ ଙ୍କ ଠାରୁ ତେଲରାଇ ସରପଂଚ ଓ ତାଙ୍କ ସହଯୋଗୀ ମାନେ ୧୦୦ ଟଙ୍କା ଲେଖାଏ ଆଦାୟ କରୁଥିବା ଚାଷୀ ମାନେ ପ୍ରକାଶ କରିଛନ୍ତି !ଏ ସମ୍ପର୍କ ରେ ତେଲରାଇ ସରପଂଚ ମୁତା ସୋଡିଙ୍କୁ ପଚାରି ବାରୁ ସେ କହିଥିଲି ମଣ୍ଡି ପାଇଁ ସଫେଇ ଓ ବିଦ୍ୟୁତ କରଣ ପାଇଁ ୨୦,୦୦୦ ରୁ ୨୫,୦୦୦ ଟଙ୍କା ହାତରୁ ଖର୍ଚ୍ଚ ହୋଇଛି, ସେଥିପାଇଁ ଚାଷୀଙ୍କ ଠାରୁ ୧୦୦ ଟଙ୍କା ଲେଖା ଆଦାୟ କରାଯାଇଛି !ମଣ୍ଡି ରେ ଚାଷି କମ ଦଲାଲ ବହୁତ ଦେଖିବା କୁ ମିଳିଛି, ନିର୍ଦ୍ଦିଷ୍ଟ କିଛି ଦଲାଲ ପ୍ରତ୍ୟେକ ରବିବାର ମଣ୍ଡିରେ ଧାନ ଆଣି ଚାଷି ଙ୍କ ନାମରେ କାଗଜ ପତ୍ର କରି ଧାନ ବିକ୍ରି କରୁଛନ୍ତି ! ଆଜି ମଣ୍ଡି ରେ ସାତ ରୁ ଆଠ ଜଣ ଦଲାଲ ଆସି ଚାଷି ଙ୍କୁ କାଗଜ ପତ୍ର ଦେଇ ଠିଆ କରି ଧାନ ବିକ୍ରି କରୁଥିବା ଦେଖିବା ପରେ ଆମ ପ୍ରତିନିଧି କାଲିମେଳା ବ୍ଲକ ଯୋଗାଣ ନିରୀକ୍ଷକ କୁମୁଦ ମୟ ଗମାଙ୍ଗ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଜଣାଇବା ରୁ ସେ କହିଥିଲେ ସତ ରେ କଣ ଦଲାଲ ମାନେ ଚାଷି ଙ୍କୁ ଆଣି ଧାନ ବିକ୍ରି କରୁଛନ୍ତି,ମୁ ତ ଏ ବିଷୟରେ ଜାଣିନି, ମାଲ୍ୟବନ୍ତ ମହୋତ୍ସବ ପାଇଁ ମାଲକାନଗିରି ରେ ବ୍ୟସ୍ତ ଅଛି, ହଉ ଦେଖିବା କହି ଖମାଖିଆଲି ଭାବେ ଉତର ଦେଇଥିଲେ।

# କାମାକ୍ଷୀ ପୀଠରେ ମକରମେଳା

ଗଂଜାମ, ୧୬/୦୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ପିତଳ ନିକଟସ୍ଥ ନରେନ୍ଦ୍ରପୁର ପଂଚାୟତର ନରେନ୍ଦ୍ରପୁର ଗ୍ରାମ ନିକଟସ୍ଥ ମା କାମାକ୍ଷୀ ମନ୍ଦିରରେ ମକର ସଂକ୍ରାନ୍ତି ଉପଲକ୍ଷେ ଅନ୍ନ ପ୍ରସାଦ, ନାମ ସଂକୀର୍ତନ ମାଙ୍କ ଯାତ୍ରା ଓ ମେଳା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଛି । ଏଠାରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ନରେନ୍ଦ୍ରପୁର ଗ୍ରାମବାସୀ ଓ ଆଖପାଖର ଗ୍ରାମର ଭକ୍ତଙ୍କ ସହଯୋଗ ରେ ଏହି ମକର ସଂକ୍ରାନ୍ତି ଯାତ୍ରା ପାଳିତ ହୋଇଅଛି । ଭକ୍ତଙ୍କ କହିବା ଅନୁସାରେ, ମା ଙ୍କୁ ଶ୍ରଦ୍ଧାରେ ଯେଉଁ ଭକ୍ତ ପୂଜା କରିବା ସହ ମାନସିକ ରଖନ୍ତି, ସେହି ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରତି ବର୍ଷ ମକର ସଂକ୍ରାନ୍ତି ଯାତ୍ରା ବହୁ ଆଡମ୍ବରରେ ପାଳିତ ହେଉଅଛି ।

# ବହୁ ଚର୍ଚ୍ଚିତ ନାବାଳିକା ଅପହରଣ ପରେ ଦୁଷ୍କର୍ମ ମାମଲା : ମୁଖ୍ୟ ଅଭିଯୁକ୍ତ କାଳିଆ ଓରଫ ଆକାଶ ଡିଗାଲ ଗିରଫ

କନ୍ଧମାଳ , ୧୬/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଂଚଳରେ ଘଟିଥିବା ବହୁ ଚର୍ଚ୍ଚିତ ଦୁଇ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଫିରିଙ୍ଗିଆ ପୋଲିସ କୁ ମିଳିଛି ବଡ଼ ସଫଳତା । ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କାଳିଆ ଓରଫ ଆକାଶ ଡିଗାଲ କୁ ରବିବାର ଗିରଫ କାରି କୋର୍ଟଚାଲାଣ କରିଛି ଫିରିଙ୍ଗିଆ ପୋଲିସ । ପୋଲିସ ର ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ଆକାଶ ଡିଗାଲ ଘଟଣା ଦିନଠାରୁ ଫେରାର ଥିବା ବେଳେ କୌଣସି ସୂତ୍ର ରୁ ଖବର ପାଇ ଥାନା ଅଧିକାରୀ ତପନ କୁମାର ନାହାକ ଙ୍କ ସହ ଫିରିଙ୍ଗିଆ ପୋଲିସ ର ଏକ ଟିମ ବୌଦ୍ଧ ଜିଲ୍ଲା ସଗାଡ ଅଂଚଳରୁ ଦୁଷ୍କର୍ମ କାରି ଆକାଶ କୁ ଗିରଫ କରିବାରେ ସଫଳ ହୋଇଥିଲେ । ଅନ୍ୟପଟେ ଅଭିଯୁକ୍ତ ପାଖରୁ ପୋଲିସ ଏକ ପଲସର ବାଇକ ମଧ୍ୟ ଜବତ କରିଥିବା ବେଳେ ଏହି ଘଟଣାର ଅନ୍ୟ ଜଣେ ଅଭିଯୁକ୍ତ ବର୍ତମାନ ମଧ୍ୟ ଫେରାର ଥିବା ବେଳେ ତାକୁ ମଧ୍ୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଗତ ମଙ୍ଗଳବାର ଦିନ ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ଅଂଚଳର ନବମ ଶ୍ରେଣୀରେ ପାଠ ପଢୁଥିବା ଦୁଇଜଣ ନାବାଳିକା ବହିପତ୍ର କିଣିବାପାଇଁ ଫିରିଙ୍ଗିଆ ସାପ୍ତାହିକ ବଜାର କୁ ଆସିଥିବା ବେଳେ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ମୂଳ ଗୁଦାରୀ ଗାଁ ର ଦୁଇଜଣ ଯୁବକ କୌଶଳ କ୍ରମେ ନାବାଳିକା ଦ୍ୱୟ କୁ ଅପହରଣ କାରି ନେଇ ସେହି ଗୁଦାରୀ ଗାଁ ନିକଟରେ ଥିବା ଏକ ବନ୍ଦ କୋଠରୀରେ ଦୁଷ୍କର୍ମ କରିବା ସହ ଏକ କାର ଭଡା କାରି ନାବାଳିକା ମାନଙ୍କୁ ତାଙ୍କ ନିଜ ଗାଁ କୁ ପଠାଇ ଦେଇଥିଲେ । ଏହିମାମଲା ରେ ଆଗରୁ କାର ସହ କାର ର ଡ୍ରାଇଭର ମଧ ଗିରଫ ହୋଇ ଜେଲ ଯାଇଛି । ଅନ୍ୟପଟେ ମୁଖ୍ୟ ଆସମୀ ଗିରଫ ହେବା ପରେ ଏକ ରୋଚକ ତଥ୍ୟ ସାମନା କୁ ଆସିଛି । ଗିରଫ ହୋଇଥିବା ମୁଖ୍ୟ ଆସମୀ ଆକାଶ ଡିଗାଲ ପୀଡିତା ନାବାଳିକା ମାନଙ୍କ ପରିବାର ସହ ଆଗରୁ ପାରିବାରିକ ସମ୍ପର୍କ ରହୁଛି ଓ ଏହି ଦୃଷ୍ଟି କୋଣରୁ ପିଡୀତା ସରଳ ନାବାଳିକା ମାନଙ୍କୁ ଅଭିଯୁକ୍ତ ଆକାଶ ଡିଗଲା ନିଜର ଜନ୍ମ ଦିନ ଅଛି କହି ମଙ୍ଗଳ ବାର କୌଶଳ କ୍ରମେ ତାର ଅନ୍ୟ ଏକ ସହଯୋଗୀ ସହ ଅପହରଣ କରି ନେଇ ଅଭଳି ଅମାନବୀୟ କାଣ୍ଡ ଘଟାଇ ଥିବା ମୁଖ୍ୟ ଅଭିଯୁକ୍ତ ଗିରଫ ହେବା ପରେ ଜଣାପଡିଛି ।

## ପାଣିରେ ପଡ଼ି ବୃଦ୍ଧା ମୃତ୍ୟୁ

ନୀଳଗିରି,୧୬/୦୧ (ନି.ପ୍ର): ନୀଳଗିରି ଉପଖଣ୍ଡ ସିଆଡ଼ିମାଳ ପଂଚାୟତ ବଡ଼ନାଳ ଗ୍ରାମର ଜଣେ ବୃଦ୍ଧା ପାଣିରେ ପଡ଼ି ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାଇ ସିଆଡ଼ିମାଳ ପଂଚାୟତ ବଡ଼ନାଳ ଗ୍ରାମର ରତନା ସିଂ ଙ୍କ ପତ୍ନୀ ମଙ୍ଗଳ ସିଂ (୫୭) ସକାଳେ ନିକଟସ୍ଥ ବାଘୁଆନାଳକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ପଡ଼ି ମୃତ୍ୟୁବରଣ କରିଛନ୍ତି । ପରିବାରଙ୍କ କହିବା ଅନୁଯାଇ ମଙ୍ଗଳାଙ୍କର ପୂର୍ବରୁ ବାତ ରୋଗ ଥିଲା । ଏଣୁ ଏହି ବାତ ବାହାରିବା ପରେ ପାଣିରେ ପଡ଼ି ବୃଦ୍ଧାଜଣଙ୍କ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି । ବୃଦ୍ଧାଜଣଙ୍କର ୨ପୁଅ ଓ ୨ଝିଅ ଥିବା ଜଣାଯାଇଛି ।

## ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ହେଲା ଆଜିର ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ,୧୬/୦୧ (ନି.ପ୍ର): ଚଳିତ ମାସର ତୃତୀୟ ମିଳିତ ଜନଶୁଣାଣି ଶିବିର ଆଜି ସୋମବାର ଦିନ ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୪୭ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୪୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା ବେଳେ ୪ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ଭଦ୍ରକ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସନ୍ତୋଷ କୁମାର ପାତ୍ର, ବନ୍ତ ବି.ଡ଼ି.ଓ. ପି.କେ.ସେଠୀ, ଏ.ବି.ଡ଼ି.ଓ. ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ତଥା ଉକ୍ତ ବ୍ଲକ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

ଭଦ୍ରକ,୧୬/୦୧ (ନି.ପ୍ର): ଏରଡ଼ା ଗ୍ରାମପଂଚାୟତର ମୁରବୀ, ଜଣେ ଧର୍ମପ୍ରାଣ ବ୍ୟକ୍ତି ତଥା ସମାଜସେବୀ କମଳାକାନ୍ତ ପାଣିଗ୍ରାହୀଙ୍କର ଭୁବନେଶ୍ୱର ଠାରେ ୮୯ବର୍ଷ ବୟସରେ ଭୋର ୪.୩୦ରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟ ଜନିତ ସମସ୍ୟାରେ ପୀଡ଼ିତ ଥିଲେ । ଏରଡ଼ା ଗ୍ରାମର ମୁରବୀ ଭାବେ ଜଣାଶୁଣା ଥିବା ସହ ଗ୍ରାମରେ ଶିବ ମନ୍ଦିର ପ୍ରତିଷ୍ଠା କରିବା ଭଳି ବିଭିନ୍ନ ଧର୍ମାନୁଷ୍ଠାନ ସହ ଜଡ଼ିତ ଥାଇ ବାଲିଖଣ୍ଡ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ଭାବେ ବିଭିନ୍ନ ସମାଜସେବା କାର୍ଯ୍ୟରେ ବ୍ରତୀଥିଲେ । ତାଙ୍କ ଇଚ୍ଛାନୁଯାୟୀ ଅପରାହ୍ନରେ ଏରଡ଼ା ଠାରେ ତାଙ୍କ ମରଦେହର ସତ୍କାର କରାଯାଇଛି । ଜ୍ୟେଷ୍ଠପୁତ୍ର ପବିତ୍ର ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲା ବେଳେ ପୁତ୍ର ନିଶିକାନ୍ତ ଓ ଡା. ଦେବବ୍ରତ, ପୁତ୍ରବଧୂ ସୁଚିତ୍ରା, ଗୋପା ଓ ଡା. ସୁଖଦା ମିଶ୍ର, ଜାମାତୀ ତୁହିନାଂଶୁ ଓ ବୀରେନ୍ଦ୍ର, ଝିଅ ବିଜୟନୀ, ସୁବାଷିନୀ ଓ ନାତୀ ସୌମ୍ୟଶ୍ରୀଙ୍କ ସମେତ ସଂପର୍କୀୟ ତଥା ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । କମଳାକାନ୍ତଙ୍କ ତିରୋଧାନରେ ସମଗ୍ର ପଂଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଆଇକନିକ ସପ୍ତାହ ପାଳନ କରିବ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ଭୁବନେଶ୍ୱର,୧୬/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରିବା ଏବଂ ଭାରତର ନାଗରିକ, ସଂସ୍କୃତି ଓ ସଫଳତାର ସମୃଦ୍ଧଶାଳୀ ଇତିହାସର ସ୍ମୃତିଚାରଣ କରିବା ଲାଗି ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦେଇଥିବା ଅଭିଭାଷଣରେ ନିଜ ଐତିହ୍ୟ ଓ ପରମ୍ପରାକୁ ନେଇ ଗର୍ବ ଅନୁଭବ କରିବା ଲାଗି ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଆହ୍ୱାନ କରିଥିଲେ । ଭାରତର ସମୃଦ୍ଧ ଏବଂ ଗୌରବଶାଳୀ ଇତିହାସ ରହିଛି, ଯେଉଁଥିରେ ଅଭୂତପୂର୍ବ ସାହସ, ବୀରତ୍ୱ, ବଳିଦାନ, ତପସ୍ୟା, ଯୁଦ୍ଧ ଏବଂ ବିଜୟୀ ନାୟକମାନଙ୍କର କାହାଣୀ ପରିପୂର୍ଣ୍ଣ ହୋଇଛି । ମା' ଭାରତୀର ସେପରି ଜଣେ ମହାନ ସୁପୁତ୍ର ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯାହାଙ୍କର ସ୍ୱାଧୀନତା ଆନ୍ଦୋଳନରେ ଅମୂଲ୍ୟ ଯୋଗଦାନ ରହିଥିଲା ଏବଂ ସେ ଅନେକ ପିଢ଼ିର ଭାରତୀୟଙ୍କୁ ଅନୁପ୍ରାଣିତ କରିବା ସହିତ ଦେଶବାସୀଙ୍କ ମନରେ ଗୌରବର ଭାବନା ସୃଷ୍ଟି କରିଥିଲା । ଭାରତ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ତମ ଜନ୍ମବାର୍ଷିକୀ ପାଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅମୃତ ମହୋତ୍ସବ ଆଇକନିକ କାର୍ଯ୍ୟକ୍ରମ ସପ୍ତାହ ୧୭ରୁ ୨୩ ଜାନୁଆରୀ ୨୦୨୩ ପର୍ଯ୍ୟନ୍ତ ପାଳନ କରାଯିବ । ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଯୋଗଦାନ ଏବଂ ତାଙ୍କ ଜୀବନୀ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହା । ୨୩ ଜାନୁଆରୀ ୨୦୨୩ରେ ଆଣ୍ଡାମାନ ନିକୋବାର ଦ୍ୱୀପ ସମୂହର ପୋର୍ଟବ୍ଲେୟାର ଠାରେ ଆୟୋଜିତ ହେବାକୁ ଥିବା ଭବ୍ୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ଏବଂ କେନ୍ଦ୍ରୀ ପୁଲିସ ସଂଗଠନ ସମେତ ଆଣ୍ଡାମାନ ଓ ନିକୋବାର ଦ୍ୱୀପସମୂହ, ମଣିପୁର, ନାଗାଲାଣ୍ଡ, ଗୁଜରାଟ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ନେତାଜୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏସବୁ ସ୍ଥାନ ନେତାଜୀଙ୍କ ଜୀବନ ଓ କାର୍ଯ୍ୟ ସହ ଜଡ଼ିତ । ଜାନୁଆରୀ ୧୭ ତାରିଖରେ ମଣିପୁରର ମନ୍ତ୍ରୀପୁଖରୀ, କେଥାଲମାନବୀ, କାଙ୍ଗଓ୍ୱାଇ, ମୋଇରାଙ୍ଗ ଏବଂ ନାମ୍ବେଲରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାନୁଆରୀ ୧୮ ତାରିଖରେ ନାଗାଲାଣ୍ଡ କୋହିମାସ୍ଥିତ ରୁଜାଝୋ ଏବଂ ଚେସେଜୁ ଗ୍ରାମରେ, ଜାନୁଆରୀ ୧୯ ତାରିଖରେ ଗୁଜରାଟର ହରିପୁରା, ବର୍ଦୋଲି ଏବଂ ସୁରତ ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଓଡ଼ିଶାର କଟକ ଠାରେ ଜାନୁଆରୀ ୨୦ ତାରିଖରେ ଏବଂ ଜାନୁଆରୀ ୨୧ ତାରିଖରେ କୋଲକାତା ଠାରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆଇକନିକ ସପ୍ତାହ ଅବସରରେ ଏସବୁ ସ୍ଥାନରେ ଭାରତର ସ୍ୱାଧୀନତାରେ ନେତାଜୀଙ୍କର ଅମୂଲ୍ୟ ଯୋଗଦାନକୁ ଆଧାର କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ଜନଭାଗିଦାରୀ ଭାବନାକୁ ନେଇ ଏସବୁ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଜନସାଧାରଣଙ୍କୁ ସାମିଲ କରାଯିବ, ଯାହାଫଳରେ ଦେଶର ନାଗରିକମାନେ ଆମର ଜାତୀୟ ନାୟକଙ୍କ ଠାରୁ ପ୍ରେରଣା ଲାଭ କରିପାରିବେ ଏବଂ ସେମାନଙ୍କ ଆଦର୍ଶକୁ ଅନୁସରଣ କରିବେ । ଆଣ୍ଡାମାନ ଓ ନିକୋବାର ଦ୍ୱୀପସମୂହରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଭାରତ ସ୍ୱାଧୀନତା ଲାଭ କରିବାର ଯଥେଷ୍ଟ ପୂର୍ବରୁ ୩୧.୧୨.୧୯୪୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରଥମ ଥର ପାଇଁ ଏହି ସ୍ଥାନରେ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଯୋଗଦାନ ଏବଂ ତାଙ୍କ ଜୀବନୀର ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆଇକନିକ ସପ୍ତାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

# ଆନନ୍ଦପୁର ପୌର ପରିଷଦ ସହରାଂଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ୍

ଭୁବନେଶ୍ୱର,୧୬/୦୧ (ନି.ପ୍ର): କେନ୍ଦୁଝର ଜିଲ୍ଲାସ୍ଥିତ ଆନନ୍ଦପୁର ପୌର ପରିଷଦରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାର ଦୃତ ବିକାଶ ନିମନ୍ତେ ସୋମବାର ରାଜ୍ୟ ସରକାର ଏହି ପୌର ପରିଷଦକୁ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଅଫିସ୍ ଆଦେଶନାମା ସଂଖ୍ୟା ୧୧୩୭ ତା. ୧୬.୦୧.୨୦୨୩ ରିଖରେ ଏହା ବିଜ୍ଞାପିତ କରାଯାଇଛି । ଏହି ପୌର ପରିଷଦକୁ ମିଶାଇ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ୫୦ ଟି ପୌରାଂଚଳ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ମୁଖ୍ୟତଃ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ସହରାଂଚଳକୁ ଏହି ମିଶନରେ ସାମିଲ ନିମନ୍ତେ ବିଚାର କରାଯାଇଥାଏ । ମିଶନରେ ସାମିଲ ହେଲେ ଉକ୍ତ ଅଂଚଳରେ ସାର୍ବଜନୀନ ଟୀକା କରଣ ସହ ମହିଳା ଓ ଶିଶୁ ଯତ୍ନ ଆଦି ସେବା ଯୋଗାଣ ଅଧିକ ସରଳ ଓ ସୁଗମ ହୁଏ । ସହରାଂଚଳରେ ହେଲଥ୍ ଆଣ୍ଡ୍ ୱେଲନେସ୍ କେନ୍ଦ୍ର ଖୋଲାଯାଏ । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବର୍ତ୍ତମାନ ପର୍ଯ୍ୟନ୍ତ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ ହୋଇଥିବା ସହରମାନଙ୍କରେ ୫୫ ଟି ହେଲଥ୍ ଆଣ୍ଡ୍ ୱେଲନେସ୍ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି । ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସମୁଦ୍ୟ ୧୨୨ ଟି ହେଲଥ୍ ଆଣ୍ଡ୍ ୱେଲନେସ୍ କେନ୍ଦ୍ର କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟରଖି କ୍ଷେତ୍ରସ୍ତରିୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରାଯାଇଛି ।

# ବାଲିଆପାଳ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର



ବାଲିଆପାଳ,୧୬/୦୧ (ନି.ପ୍ର): ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ସମସ୍ୟା କଥା ଜଣାଇବା ପାଇଁ ଶତାଧିକ ଜନସାଧାରଣ ଆଜି ଅଭିଯୋଗ ଶିବିରକୁ ଆସିଥିଲେ । ତେବେ ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀକୁ ବିଭିନ୍ନ ସମସ୍ୟା ନେଇ ୬୯୮ଟି ଅଭିଯୋଗ ଆସିଥିବା ବେଳେ ୫୮୬ଟି ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ସମ୍ବନ୍ଧିତ ଥିବା ଜଣାପଡିଛି । ବ୍ଲକର ବହୁ ଯୋଗ୍ୟ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶ ପାଇଥିବା ହିତାଧିକାରୀ ତାଲିକାରେ ନାମ ନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।ତେବେ ତାଲିକାରେ ନାମ ନଥିବା ହିତାଧିକାରୀଙ୍କ ନାମ ସରକାରଙ୍କ ନିର୍ଦ୍ଦେଶ ମିଳିଲେ ତଦନ୍ତ କରାଯାଇ ପରେ ବିଚାର କରାଯିବ ବୋଲି ଜିଲ୍ଲାପାଳ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ରଖି କହିଥିଲେ । ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେଙ୍କ ସମେତ ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ସିଡିଏମଓ ଡା. ଦୁଲାଲ ସେନ ଜଗଦେବ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଅମରେଶ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ବିଡିଓ ବିନୋଦ କୁମାର ପଣ୍ଡା,ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବହୁ ଅଭିଯୋଗକାରୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିନପାରି ନିରାଶ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା ।

# ଟାଙ୍ଗରାଶୁଣୀ ମହୋତ୍ସବ – ୨୦୨୩ ଉଦ୍‌ଯାପିତ



କପ୍ତିପଦା,୧୬/୦୧ (ନି.ପ୍ର): ରାଜ୍ୟ ସ୍ତରୀୟ ମକର ମିଳନ ପାଳନ ସଂସଦ ଓ ଟାଙ୍ଗରାଶୁଣି ମହୋତ୍ସବ କମିଟି, ସାନଖଲାଡ଼ି, କପ୍ତିପଦା ଓ ପ୍ରଶାନ୍ତ ସ୍ମୃତି ପରିଷଦ ଉଦଳାର ମିଳିତ ଆୟୋଜନରେ ଆଜି ଜାନୁଆରୀ ୧୫ ତାରିଖ ରବିବାର ଦିନ ଟାଙ୍ଗରାଶୁଣି ମହୋତ୍ସବ -୨୦୨୩ ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ, ମକରବାର୍ତ୍ତା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ସାହିତ୍ୟିକ କିଶୋର ଚନ୍ଦ୍ର ଦାସବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚକ ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳିପଦ ପଣ୍ଡା ଓ ଅଜିତ ପାତ୍ର ଯୋଗ ଦେଇ ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଓଡ଼ିଶାର ସମଗ୍ର ଭାରତ ବର୍ଷରେ ରହିଛି ଏକ ସ୍ୱତନ୍ତ୍ର ସମ୍ମାନ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସୁବାସିନି ଜୀ, ଗଙ୍ଗାଧର ଦାସ, ଦୟାନିଧି ମିଶ୍ର, ଶରତ ନାୟକ ଓ ସରୋଜ ନାୟକ ପ୍ରମୁଖ ଯୋଗ ଦେଇ ମୟୂରଭଞ୍ଜର ମକର ପର୍ବର ନିଆରା ଢ଼ଙ୍ଗ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ ବୋଲି କହିଥିଲେ । ଏହାପରେ ମଂଚାସୀନ ଅତିଥି ମାନେ 'ମକର ବାର୍ତ୍ତା' ପତ୍ରୀକାକୁ ଉନ୍ମୋଚନ କରିଥିଲେ । ପରେ ମାଳତୀ ଧଳ, ରୁକ୍ମଣୀ ସାହୁ ଓ ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ରବିନାରାୟଣ ଆଚାର୍ଯ୍ୟ, ଶାନ୍ତନୁ ପଟ୍ଟନାୟକ, ଡ଼କ୍ଟର ଅସିମା ସାହୁ, ଦୟାନିଧି ମିଶ୍ର, ପ୍ରଫୁଲ୍ଲ କୁମାର ଖିଲାର, ପ୍ରଭାକର ସାହୁ, ଭିକାରୀ ଚରଣ ପୃଷ୍ଟି, କିଶାନ କୁମାର ସାହୁ, କ୍ଷଣପ୍ରଭା ଜେନା ଓ ସଲମା ସୋରେନଙ୍କୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶୁଶାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀକାନ୍ତ ପ୍ରସାଦ ବେହେରା, ନାରାୟଣ ବେହେରା, ସନ୍ତୋଷ ସାହୁ, ହେମଲତା ଶଙ୍ଖୁଆ ପ୍ରମୁଖ ସହଯୋଗ କରିଥିଲେ ।

## ସେଲ ଆରଏସପିର ଏସଏମଏସ-୨ ବିଭାଗର କର୍ମଚାରୀଙ୍କ ବଗିଚାରେ ୧୨୦ ପ୍ରଭେଦର ବଡ କିସମର ଚନ୍ଦ୍ରମଲ୍ଲିକା ପୁଷ୍ପ ସମ୍ଭାର

ରାଉରକେଲା,୧୬/୦୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ-୨ରେ ଏସଓଏସଟି ଭାବରେ କାର୍ଯ୍ୟରତ ଶ୍ରୀ ବିଜୟ ସ୍ୱାଇଁ ତାଙ୍କ କ୍ୱାର୍ଟର ବଗିଚାରେ ବିବିଧ ପୁଷ୍ପରାଜି, ଫଳ ଏବଂ ଅଳଙ୍କାର ଉଦ୍ଭିଦ ସହିତ ଏକ ସୁନ୍ଦର ଉଦ୍ୟାନର ବିକାଶ କରିଛନ୍ତି । ଯଦିଓ ସେକ୍ଟର ୧୮ ସ୍ଥିତ ତାଙ୍କ ସି-୧୨୩ କ୍ୱାର୍ଟର ସମସ୍ତ ପ୍ରକାରର ବୃକ୍ଷରାଜୀରେ ସୁଶୋଭିତ, ଶ୍ରୀ ସ୍ୱାଇଁ କୁହନ୍ତି ଯେ ତାଙ୍କର ଫୁଲର ଅପାର ସଂଗ୍ରହ ସମସ୍ତଙ୍କୁ ଅଧିକ ଆକର୍ଷିତ କରୁଛି । ଶହ ଶହ ପାତ୍ର ଓ ଫୁଲ କୁଣ୍ଡରେ ଅନେକ ପ୍ରକାରର ଚନ୍ଦ୍ରମଲ୍ଲିକା, ଗୋଲାପ, ଆଡେନିୟମ୍, ଅର୍କିଡ୍, ଡାଲିଆ, କାକଟସ୍ ଆଦି ତାଙ୍କ ବଗିଚାର ଶୋଭା ବର୍ଦ୍ଧନ କରୁଛି ଯାହା ଫୁଲର ଉପତ୍ୟକା ପରି ଦୃଶ୍ୟମାନ ହେଉଛି । ତାଙ୍କର ସଂଗ୍ରହରେ ୧୨୦ପ୍ରକାରର ଚନ୍ଦ୍ରମଲ୍ଲିକା ପୁଷ୍ପ ସମ୍ଭାର ଅନ୍ତର୍ଭୁକ୍ତ ରହିଛି । ଫୁଲ ପ୍ରତି ତାଙ୍କର ଗଭୀର ପ୍ରେମ ଏବଂ ଉତ୍ସାହ ପାଇଁ ଜଣାଶୁଣା ଏହି ଷ୍ଟିଲ୍ ମ୍ୟାନ୍ ସମ୍ପ୍ରତି ଇସ୍ପାତ ସହରରେ ଏଫଆଇଏଚ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେଉଥିବା କାରଣରୁ ତାଙ୍କର ଚାହିଦା ଅଧିକ ରହିଛି । ଫୁଲରେ ଅଧିକ ରୁଚି ରଖୁଥିବା ବିଜୟ ୭୦୦ରୁ ଅଧିକ ବିଭିନ୍ନ ରଙ୍ଗର ଚନ୍ଦ୍ରମଲ୍ଲିକା କୁଣ୍ଡ ବିଶ୍ୱ କପ୍ ଆୟୋଜନ ପାଇଁ ବିଭିନ୍ନ ସ୍ଥାନରେ ସଜାଇବାରେ ବ୍ୟବହାର ପାଇଁ ଯୋଗାଇଦେଇଥିବା ଗର୍ବର ସହ ପ୍ରକାଶ କରନ୍ତି । ବଗିଚା ପ୍ରତି ତାଙ୍କର ଆବେଗ ବହୁ ପୂର୍ବରୁ ଜଣାଶୁଣା ଏବଂ ସେ ହାସଲ କରିଥିବା ପୁରସ୍କାର ଓ ଟ୍ରଫି ମାନ ତାଙ୍କର ଫଳପ୍ରଦ ପ୍ରୟାସର ସାକ୍ଷ୍ୟ ଅଟେ । ସେ ନିଜ ବଗିଚାରେ ଆପଲ୍ ଗଛ ବଢାଇବାରେ ସଫଳ ହୋଇଛନ୍ତି ଯାହା ଏହି ଋତୁରେ ପ୍ରଥମ ଥର ଫଳ ଦେଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡ଼ିଶା ଉପରେ କେସିଆରଙ୍କ ....

କିଛି ଅଂଚଳକୁ ନେଇ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଂଚଳ ଦାବି କରୁଛନ୍ତି । ଯାହାର ମୁଖ୍ୟାଳୟ କୋରାପୁଟ ଜିଲ୍ଲାରେ ରହିବ ବୋଲି ସେ କହିଛନ୍ତି । କିନ୍ତୁ କେସିଆରଙ୍କୁ ସାକ୍ଷାତ ପରେ ଶ୍ରୀ ପାଙ୍ଗୀ ବିଆରଏସ ପାର୍ଟିରେ ସାମିଲ ହେବାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଶ୍ରୀ ପାଙ୍ଗୀଙ୍କ ପୂର୍ବରୁ ଜାନୁୟାରୀ ୧୩ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଆଦିବାସୀ ନେତା ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ ହାଇଦ୍ରାବାଦର ପ୍ରଗତି ଭବନରେ କେସିଆରଙ୍କୁ ଭେଟିବା ପରେ ଉଭୟ ପିତା-ପୁତ୍ର ବିଆରଏସ ପାର୍ଟିରେ ସାମିଲ ହେବାର ଚର୍ଚ୍ଚା ଆରମ୍ଭ ହୋଇଛି । ଯଦିଓ ଉଭୟ ଏବେ ବିଜେପିରେ ଅଛନ୍ତି ଓ ବିଆରଏସରେ ସାମିଲ ହେବାର ସମ୍ଭାବନାକୁ ଖାରଜ କରିଛନ୍ତି, କିନ୍ତୁ ସେମାନେ ଖୁବଶୀଘ୍ର ସାମିଲ ହୋଇପାରନ୍ତି ବୋଲି ଜଣାପଡ଼ିଛି । ବିଆରଏସ୍ ପକ୍ଷରୁ ଆସନ୍ତା ୧୮ତାରିଖରେ ତେଲେଙ୍ଗାନାର ଖମ୍ମମଠାରେ ଏକ ବିଶାଳ ସମାବେଶର ଆୟୋଜନ ହୋଇଛି, ଯେଉଁଥିରେ ଦଳ ନିଜର ଜାତୀୟ ସମ୍ପ୍ରସାରଣ ରଣନୀତି ସମ୍ପର୍କରେ ସୂଚନା ଦେବ । ଏଥିରେ କେରଳ, ଦିଲ୍ଲୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ସମେତ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଓ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ମଧ ସାମିଲ ହେବେ ବୋଲି ସୂଚନା ମିଳିଛି । ଏହି ସମାବେଶରେ ଓଡ଼ିଶାରୁ କିଛି ନେତା ସାମିଲ ହେବାର ମଧ ସମ୍ଭାବନା ରହିଛି । ସୂଚନାଯୋଗ୍ୟ, ଓଡ଼ିଶାରେ ପ୍ରାୟ ୧୨ଲକ୍ଷ ତେଲଗୁ ଭାଷାଭାଷୀ ଲୋକ ରହୁଛନ୍ତି । ଯେଉଁମାନଙ୍କର ପ୍ରଭାବ ପ୍ରାୟ ୮ରୁ ୧୦ଟି ବିଧାନସଭା ଆସନରେ ରହିଛି । ବିଶେଷକରି ରାୟଗଡ଼ା, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ତେଲଗୁ ଲୋକଙ୍କ ସହଯୋଗରେ ଓଡ଼ିଶାରେ ପ୍ରବେଶ ପାଇଁ ବିଆରଏସ୍ ରଣନୀତି ପ୍ରସ୍ତୁତ କରିଛି । ଦଳ ନିଜର ତେଲେଙ୍ଗାନା ଗଭର୍ଣ୍ଣାନ୍ସ ମଡେଲ ସହ ଚାଷୀଙ୍କ ପାଇଁ ରାଇଥୁ ବନ୍ଧୁ ଯୋଜନା, ମାଗଣା ୨୪ଘଣ୍ଟିଆ ବିଦ୍ୟୁତ,ପ୍ରତି ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ପାଇଁ ଦଳିତ ବନ୍ଧୁ ଯୋଜନା ସହ ଚାଷୀଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଲାଗୁ କରି ତେଲେଙ୍ଗାନାରେ ୨୦୧୪ରୁ କ୍ଷମତାରେ ରହିଛି ।

## ଛୁଆକୁ ମାରି ସାବତ ମା'ର....

ହେଲେ, ସେତେବେଳକୁ ସବୁ ସରିଯାଇଥିଲା । ଉଭୟଙ୍କର ମୃତ୍ୟୁ ହୋଇସାରିଥିଲା । ଖବର ପ୍ରଚାରିତ ହେବା ପରେ ଘର ଆଗରେ ଜମିଥିଲା ଲୋକଙ୍କ ଭିଡ । ପହଁଥିଲେ ମୃତ ଶିଳ୍ପୀଙ୍କ ପରିବାର ଲୋକ ଓ ସମ୍ପର୍କୀୟ । ସେହିପରି ସ୍ୱାମୀଙ୍କ ପରିବାର ଲୋକ ବି ଘଟଣାସ୍ଥଳରେ ପହଞ୍ଚି ଥିଲେ । କାନ୍ଦବୋବାଳିରେ ଫାଟିଥିଲା ପୁରା ଅଞ୍ଚଳ । ହେଲେ, ଏହି ଅଭାବନୀୟ ଘଟଣା ପାଇଁ ଉଭୟ ପରିବାର ପରସ୍ପରକୁ ଦାୟୀ କରିଥିଲେ । ଶିଳ୍ପୀଙ୍କ ପରିବାର ସ୍ୱାମୀ ସନ୍ତୋଷ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ । ଅନ୍ୟପଟେ ଶିଳ୍ପୀ ପୁଅକୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି ସନ୍ତୋଷର ମା । ସନ୍ତୋଷ ପାଲଟା ଅଭିଯୋଗ ଆଣି ପତ୍ନୀ ଓ ପୁଅର ମୃତ୍ୟୁ ପାଇଁ ଶ୍ୱଶୁର ଘର ଲୋକଙ୍କୁ ଦାୟୀ କରିଛନ୍ତି । ଆରୋପ ପ୍ରତ୍ୟାରୋପ ଭିତରେ ତଦନ୍ତ ଆରମ୍ଭ କରିଛି ପୋଲିସ । ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇବା ସହ ପୂରା ଅଞ୍ଚଳର ଯାଞ୍ଚ କରିଛି । ସାଇଂଟିଫିକ୍ ଟିମ୍ ପହଞ୍ଚି ଛାନଭିନ କରିଛି । ତେବେ ଏହି ସମୟରେ ମଧୁପାଟଣା ଥାନକୁ ଲାଲବାଗ ଥାନାର ଜଣେ ଏସଆଇ ପୋଲିସ ପୋଷାକରେ ଆସିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏଏସଆଇ ଜଣଙ୍କ ସନ୍ତୋଷଙ୍କ ସମ୍ପର୍କୀୟ ହୋଇଥିବାରୁ ସେ ତଦନ୍ତକୁ ପ୍ରଭାବିତ କରିବାକୁ ଆସିଥିବା ଅଭିଯୋଗ କରିଛନ୍ତି ଶିଳ୍ପୀଙ୍କ ମାମୁଁ । ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଶିଳ୍ପୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ସନ୍ତୋଷ । ବିବାହବେଳେ ସନ୍ତୋଷଙ୍କ ପ୍ରଥମ ପତ୍ନୀଙ୍କର ଛୋଟ ପୁଅ ଥିଲା । ପୁଅକୁ ଶିଳ୍ପୀ ନିଜ ପୁଅଠାରୁ ଅଧିକ ଭଲ ପାଉଥିଲେ । କିନ୍ତୁ ଶାଶୁ ଘରେ ଅଧିକ ସମୟ ରହୁନଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଝଗଡା ହେଉଥିଲା । ଆଉ ସେହି ପାରିବାରିକ ବିବାଦର କରୁଣ ପରିଣତି ମା- ଛୁଆଁଙ୍କ ଜୀବନ ଯାଇଛି । ତେବେ ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଯଦି ଶିଳ୍ପୀ ଆତ୍ମହତ୍ୟା କରିଛନ୍ତି ଓ ଛୁଆକୁ ମାରିଛନ୍ତି, ତାହେଲେ କାହିଁକି ନେଲେ ଏତେ ବଡ ନିଷ୍ପତି ?

## ପାକିସ୍ତାନରେ ଆର୍ଥିକ ସଙ୍କଟର....

ଭିକ୍ଷା ମାଗିବାକୁ ପଡୁଛି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି ପାକ୍ ପ୍ରଧାନମନ୍ତ୍ରୀ । ବିଦେଶୀ ଋଣ ନେଇ ଆର୍ଥିକ ସମସ୍ୟାର ସମାଧାନ କରିବା ମଧ ପାକିସ୍ତାନର ଚିନ୍ତା ବଢାଇଦେଇଛି । ଏହି ଋଣ ଅର୍ଥ ପରିଶୋଧ କରିବା ବାଧତାମୂଳକ ଥିବାରୁ ଆଗକୁ ସ୍ଥିତି ଆହୁରି ଉତ୍କଟ ହୋଇପାରେ । ଏହାରିଭିତରେ ୟୁଏଇ ପାକିସ୍ତାନକୁ ଆହୁରି ୧ ବିଲିଅନ୍ ଡଲାର ଋଣ ଯୋଗାଇ ଦେବାକୁ ଘୋଷଣା କରିଛି ।

# ଲକ୍ଷ୍ମଣାପଡା ମକରମେଳା ଉଦ୍‌ଯାପିତ



ବସ୍ତା, ୧୬/୦୧ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ମା ଲକ୍ଷ୍ମଣଶ୍ରୀ ଦେବୀଙ୍କ ନିକଟରେ ମକର ମେଳନର ମହୋତ୍ସବ ସମୋବାର ଉଯାପିତ ହୋଇଯାଇଅଛି । ୧୩ତାରିଖରୁ ଆରମ୍ଭ ହୋଇ ୧୬ତାରିଖରେ ଶେଷ ହୋଇଛି । ଦିର୍ଘ ୪ଦିନଧରି ମା ଙ୍କ ନିକଟରେ ଯଜ୍ଞ ନାମସଂକିର୍ତ୍ତନ ଓ ରାତ୍ରୀରେ ସାସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଆଜି ୬ହଜାରରୁ ଉର୍ଦ୍ଦ ଭକ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଜୟକୃର୍ଷ୍ଣ ପଣ୍ଡା ଓ ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜକ ପ୍ରଶାନ୍ତ ପଣ୍ଡା ପୂଜା ଓ ଯଜ୍ଞ କାର୍ଯ୍ୟ ସଂମ୍ପାଦନା କରିଥିଲେ । ଲକ୍ଷ୍ମଣଶ୍ରୀ କମିଟିର ସଭାପତି ଦାମୋଦରସିଂହ, ସେକ୍ରେଟେରୀ ଅଜୟ ସିଂହ, କୋଷାଧ୍ୟକ୍ଷ ଅଭୟସିଂହ, ଗଦାଧରସିଂହ, ବିଜୟସିଂହ ନଟବରସିଂହ, ଅକ୍ଷୟସିଂହ, ସଙ୍କର୍ଷଣ ସିଂହ ଅଶ୍ଚୁତାନନ୍ଦ, ଅନିଲ କୁମାରଭୂୟାଁ, ସରୋଜସିଂହ, ବିମଲସିଂହ, ଯୋଗେନ୍ଦ୍ର ସିଂହ, ଗୌରମୋହନଭୂୟାଁ, ଚାରୁଚନ୍ଦ୍ର ସିଂହ, ଅର୍ଜୁନ ସିଂହ, ଶିବନାରାୟଣ ସିଂହ ସମେତ ସମସ୍ତ ସଦସ୍ୟ ଉପସ୍ଥିତଥିଲେ । ମୁଖ୍ୟ ଅତିଥିଭାବେ ବିଜେଡି ବରିଷ୍ଠନେତା ରବିନ୍ଦ୍ର କୁମାର ଅଣ୍ଡିଆ, ମୂଖ୍ୟବକ୍ତା ସମାଜସେବୀଉଦିୟମାନ ଯୁବ ପ୍ରତିଭା ସୁମନ୍ତକୁମାରଜେନା. ଯୁବ ନେତା ସୁଧୀଯାଂଶୁ ସେଖରଯେନା, ସମବାୟ ସଭାପତି କିଶୋରପାଳ, ମଥାନୀ ପଞ୍ଚାୟତ ବିଜେଡି ସଭାପତି ବିଧାୟକ ପ୍ରତିନିଧି ଦେବେନ୍ଦ୍ର କୁମାର ବେହେରା ସରପଞ୍ଚ ମମତାସିଟ, ଜିଆରଏସ ମମତା ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବିଜୟକୁମାର ଭୂୟାଁ, ଦିଲ୍ଲୀପ କୁମାର ସାହୁ, ସୁଶାନ୍ତ ପ୍ରଧାନ ପ୍ରମୂଖ ଉପସ୍ଥିତ ଥିଲେ । ୨ ହଜାରରୁ ଉର୍ଦ୍ଧ ପୂଜା ଡଲାଧରୀ ଝିଅବହୁ ମାନେ ମାଙ୍କ ନିକଟେ ପୂଜାର୍ଚ୍ଚନା ସହିତ ଖିରିଭୋଗଲଗାଇ ଥିଲେ । ତେବେ ଭକ୍ତି ଭାବନାରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଯାଗ୍ରତ ହୋଇଥିଲା ।

# ଜଳେଶ୍ୱର ଅଧିବକ୍ତା ପରିଷଦର ଜରୁରୀ ବୈଠକ : ପ୍ରତି ଶନିବାରରେ ଆଇନ୍ ସହାୟତା ଶିବିର



ଜଳେଶ୍ୱର,୧୬/୦୧ (ନି.ପ୍ର): ଜଳେଶ୍ୱର ଅଂଚଳର ଲୋକମାନଙ୍କୁ ନ୍ୟାୟ ଲାଗି ଜଳେଶ୍ୱର ଅଧିବକ୍ତା ପରିଷଦ ପ୍ରତ୍ୟେକ ଶନିବାରରେ ଆଇନ୍ ସହାୟତା ଶିବିର କୋର୍ଟ ପରିସର ମଧ୍ୟରେ ସ୍ଥିର କରିଛି । ଫଳରେ ଗରିବ ଲୋକମାନେ ବିନା ଅର୍ଥରେ ସହାୟତା ପାଇପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ପରିଷଦର ସଭାପତି ରାମଚନ୍ଦ୍ର ଜେନା ଅଧ୍ୟକ୍ଷତା କରି ଦେଶରେ ୧୬୦ତମ ବିବେକାନନ୍ଦ ଜନ୍ମ ଜୟନ୍ତୀ ପାଳିତ ହେଉଥିବା ଅବସରରେ ପରିଷଦରେ ଆଲୋଚନା ହୋଇଥିଲା । ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ସେବା, ତ୍ୟାଗ, ରାଷ୍ଟ୍ରିୟତାର ନ୍ୟାୟ କେନ୍ଦ୍ର ହୋଇଥିବାରୁ ରାଷ୍ଟ୍ରିୟ ଚେତନାରେ ଉଦ୍‌ବୃଦ୍ଧ ହେବାକୁ ସଭାପତୀ ଶ୍ରୀ ଜେନା, ସଂପାଦକ ବ୍ୟମକେଶ ମଣ୍ଡଳ, ସଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଅରୁପ କୁମାର ଜେନା, ସତ୍ୟନାରାୟଣ ଦାସ, ଶ୍ରଦ୍ଧଦେବୀ ଭଂଜ, ବିଶ୍ୱବିନୋଦ ଭଂଜ, ଗଣେଶ ମାଇତି, ବିନୟ କୁମାର ନନ୍ଦି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ସଂଘ ଚାଳକ ଝୁନୁ ଭାଇ ଓ ଡ. ଅଜିତ୍ କୁମାର ମହାନ୍ତି ଯୋଗ ଦେଇ ଅଭିବକ୍ତା ପରିଦେର କାର୍ଯ୍ୟକ୍ରମ ଓ ନିତି ଆଦର୍ଶ ସଂପର୍କରେ ସୂଚାଇ ଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୨୧ରୁ ଷ୍ଟେସନ କ୍ଲବ ପରିସରରେ ଯୁବ ମହୋତ୍ସବ 'ସ୍ୟାଣ୍ଡ ଫେଷ୍ଟ'

ବାଲେଶ୍ୱର,୧୬/୦୧ (ନି.ପ୍ର): ଆସନ୍ତା ୨୧ ଓ ୨୨ ତାରିଖ ଦୁଇଦିନ ଧରି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ହେବାକୁ ଯାଉଥିବା ୧୭ତମ ଯୁବ ମହୋତ୍ସବ 'ସ୍ୟାଣ୍ଡ ଫେଷ୍ଟ'କୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ଜାରି ରହିଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଉତ୍ସବ କମିଟି ସାଧାରଣ ସମ୍ପାଦକ ଦେବଦତ୍ତ ଦାସଙ୍କ ଆବାହକତ୍ୱରେ ତଥା ସଭାପତି ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଅଛି। ଉପଦେଷ୍ଟା ରତିକାନ୍ତ ପାଢ଼ୀ, ଉପାଧ୍ୟକ୍ଷ ସବ୍ୟସାଚୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଉପ-ସଭାପତି ବିକାଶ କୁମାର ପାଢ଼ୀ ଓ ବ୍ରଜ କିଶୋର ପ୍ରଧାନ, ସମ୍ପାଦକ ସିମନ୍ ଦାସ ମହାପାତ୍ର, ସାଂଗଠନିକ ସମ୍ପାଦକ ପାର୍ଥସାରଥି ଦାସ, ସହ ସମ୍ପାଦକ ଗୌର ମଲ୍ଲିକ ଓ ସିମନ୍ ସାମଲ୍, ସହ ସାଂସ୍କୃତିକ ସମ୍ପାଦକ ଦେବଶ୍ରୀ ମହାନ୍ତି, କୋଷାଧ୍ୟକ୍ଷ ଦିଲୀପ କୁମାର ଦାସ, ଅମିୟ କୁମାର ଦାସ, ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଦୁଇଦିନିଆ ସ୍ୟାଣ୍ଡ ଫେଷ୍ଟ ମହୋତ୍ସବର ରୂପରେଖ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିରେ ସବ ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗର ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବ ଜୁନିୟରରେ ବେବି ଆଇକନ, ମୋଡର୍ଣ୍ଣ ଡ୍ୟାନ୍ସ, ଚିତ୍ରାଙ୍କନ; ଜୁନିୟରରେ ମୋଡର୍ଣ୍ଣ ଡ୍ୟାନ୍ସ, ଚିତ୍ରାଙ୍କନ, ସଙ୍ଗୀତ, ଇଂରାଜୀ ଡିବେଟ, ଟ୍ୟାଲେଣ୍ଟ ହଣ୍ଟର୍ ଓ ସିନିୟରରେ ମୋଡର୍ଣ୍ଣ ଡ୍ୟାନ୍ସ, ଚିତ୍ରାଙ୍କନ, ସଙ୍ଗୀତ, ଗ୍ରୁପ ଡ୍ୟାନ୍ସ ଏବଂ ମିଷ୍ଟର ଓ ମିସ୍ ସ୍ୟାଣ୍ଡ ଫେଷ୍ଟ ପ୍ରତିଯୋଗିତା ପ୍ରଭୃତି ରଖାଯାଇଛି। ଚଳିତ ବର୍ଷ ମହୋତ୍ସବର ବିଭିନ୍ନ ବର୍ଗରେ ଅଂଶଗ୍ର ପାଇଁ ପ୍ରତିଯୋଗୀମାନେ ଅନ୍‌ଲାଇନ ନାମ ପଞ୍ଜିକରଣ କରି ପାରିବେ। ଉଦଯାପନୀ ସନ୍ଧ୍ୟାରେ ଓଲିଉଡ଼ ଗାୟକ ସତ୍ୟଜିତ ପ୍ରଧାନ ଏବଂ ଧାରାବାହିକ ଅଭିନେତ୍ରୀ ପାୟଲ ଦାଶ ବିଶେଷ ଆକର୍ଷଣ ରୂପେ ଦର୍ଶକମାନଙ୍କ ମନୋରଂଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି।

## ସେଲ ଆରଏସପିର ସିଭିଲ୍ ଇଞ୍ଜିନିୟରିଂ ସେବା ଦଳର ଉଦ୍ୟୋଗୀ ପ୍ରୟାସ ଦ୍ୱାରା ଏସଏସଏମରେ ଲଜିଷ୍ଟିକ୍ସରେ ଉନ୍ନତି



ରାଉରକେଲା,୧୬/୦୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଭିଲ୍ ଇଞ୍ଜିନିୟରିଂ ସେବା ବିଭାଗର କର୍ମଚାରୀ ଦଳର ଏକ ପ୍ରୟାସ ସିଲିକନ୍ ଷ୍ଟିଲ୍ ମିଲ୍ ରେ ଲଜିଷ୍ଟିକ୍ସର ଉନ୍ନତିରେ ବିଶେଷ ରୂପେ ସହାୟକ ହୋଇଛି। ବିଭାଗୀୟ ସାମୁଦାୟିକ ସିଲିକନ୍ ଷ୍ଟିଲ୍ ମିଲର ଗଭୀର ଅଣ୍ଡରଗ୍ରାଉଣ୍ଡ ଡ୍ରେନେଜ୍ ସିଷ୍ଟମରୁ ଚୋକେଜ ନିଷ୍କାସନ କରିଥିଲା, ଯାହାଫଳରେ ଟିଏ ଲାଇନରେ ରେଳ ଟ୍ରାକ୍ କ୍ଲିୟର ହୋଇପାରିଥିଲା ଯାହା ଅଧିକାଂଶ ସମୟ ପାଣିରେ ନିମଜ୍ଜିତ ରହୁଥିଲା ଏବଂ ଟିଏକ୍ସଆର ଫିଟନେସ୍ ଓ ଆଉଟବାଉଣ୍ଡ ଚାଲାଣକୁ ପ୍ରଭାବିତ କରୁଥିଲା। ୨୦୨୨ ଅପ୍ରେଲ ମାସରେ ଏହି ସମସ୍ୟା ପରିଲକ୍ଷିତ ହୋଇଥିଲା ଏବଂ ପ୍ରାରମ୍ଭରେ ଭୂତଳ ଜଳ ନିଷ୍କାସନ ପାଇଁ ଚେଷ୍ଟା କରାଯାଇଥିଲା ଯାହା ସଫେଇ ସମ୍ଭବପର ହୋଇପାରିବ। ତଥାପି ବୈଷୟିକ କାରଣରୁ ଡ୍ରେନରୁ ଜଳ ନିଷ୍କାସନ କରାଯାଇ ପାରିନଥିଲା। ତେଣୁ ଚଟାଣରେ ଅଟକି ରହିଥିବା ଜଳକୁ ମଧ୍ୟବର୍ତ୍ତୀ ସମୟରେ ଜଳ ନିଷ୍କାସନ ପାଇଁ ଜଳମଗ୍ନ ପମ୍ପ ବ୍ୟବହାର କରାଯାଉଥିଲା। ଇତିମଧ୍ୟରେ ଏମଓଏମଟି, ଶ୍ରୀ ନରସିଂହ ଟୁଡୁ ଏବଂ ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ, ଶ୍ରୀ କର୍ମା ଏକ୍କା, ସିଇଏସ ବିଭାଗର ସିନିୟର ମ୍ୟାନେଜର, ଶ୍ରୀ ଅରବିନ୍ଦ ଷଡଙ୍ଗୀଙ୍କ ନେତୃତ୍ୱରେ ଡ୍ରେନେଜ ସିଷ୍ଟମର ଚିତ୍ର ସଂଗ୍ରହ କରି ମ୍ୟାନହୋଲ ସ୍ଥିତି ଖୋଜିବାକୁ ଚେଷ୍ଟା କରିଥିଲେ। ଯେହେତୁ ବଣବୁଦା ମଧ୍ୟରେ ମ୍ୟାନହୋଲଗୁଡ଼ିକ ବହୁ ଦିନଧରି ସ୍ଲାଗ୍ ସହିତ ପୋତି ହୋଇଯାଇଥିଲା, ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ଥିଲା। ବହୁ ସନ୍ଧାନ ପରେ କେବଳ ୩ ଟି ମ୍ୟାନହୋଲ ଚିହ୍ନଟ ହୋଇପାରିଥିଲା। ମୌସୁମୀ ପରେ ବର୍ଷା ଓ ଝଡତୋଫାନ ଜଳ ନିଷ୍କାସନ ନେଟୱାର୍କ ଖନନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ୬ ମିଟର ଗଭୀରତା ପର୍ଯ୍ୟନ୍ତ ଖନନ ପରେ ସିଲିକନ୍ ଷ୍ଟିଲ୍ ମିଲ୍ ଅଞ୍ଚଳକୁ ଗ୍ରାଉଣ୍ଡ ଡ୍ରେନ୍ ସହିତ ମେନ୍ ଅଣ୍ଡର ଗ୍ରାଉଣ୍ଡ ଡ୍ରେନ୍ ସହିତ ସଂଯୋଗ କରୁଥିବା ବକ୍ସ ଡ୍ରେନ୍ ମିଳିଥିଲା। ବକ୍ସ ଡ୍ରେନ ଖୋଲାଯାଇ ଏସଏସଏମ ଅଣ୍ଡରଗ୍ରାଉଣ୍ଡ ଗର୍ତ୍ତର ମୁହଁରେ ଜମାଟ ଥିବା ଚୂନକୁ ସଫା କରାଯାଇପାରିବ। ସିଲିକନ୍ ଷ୍ଟିଲ୍ ମିଲ୍ ବିଭାଗ, ଫିଲ୍ଡ ମେସିନାରୀ ରକ୍ଷଣାବେକ୍ଷଣ ବିଭାଗ ଏବଂ ଆରସିଏମ୍ ବିଭାଗର ସହଯୋଗ ଦ୍ୱାରା ଏହି ଜଟିଳ କାର୍ଯ୍ୟ ସମ୍ପାଦିତ ହୋଇପାରିଥିଲା।

## ଚାରିଦିନିଆ ଫକୀରମୋହନ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୧୬/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଅନୁଷ୍ଠିତ ହେଉଥିବା ଚାରିଦିନିଆ ଫକୀରମୋହନ ଜୟନ୍ତୀ ଉତ୍ସବ ତଥା ପରିଷଦର ରତ୍ନୋତ୍ସବର ପୂର୍ତ୍ତି କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଶାନ୍ତିକାନନଠାରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଡ. ତ୍ରିପାଠୀ ତାଙ୍କର ସଭାପତି ଅଭିଭାଷଣରେ ଗତ ତିନିଦିନ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରି ମହାମହିମ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରଦାନ କରିଥିବା ବକ୍ତବ୍ୟର ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ପରିଷଦ ଓ ଫକୀରମୋହନଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେସଙ୍ଗେ ଫକୀରମୋହନ କଲେଜ ନିକଟରେ ଶାନ୍ତିକାନନ ରାସ୍ତାରେ ଏକ ପ୍ରସ୍ତାବିତ ଏକ ସ୍ଥାୟୀ ତୋରଣ ନିର୍ମାଣ କରିବାକୁ ବିଚାର କରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଫକୀରମୋହନଙ୍କୁ ଆମେ ଆଜି କାହିଁକି ଶ୍ରେଷ୍ଠ ବୋଲି ପୂଜା କରୁଛୁ ତାହାର ବିସ୍ତୃତ କାରଣ ବର୍ଣ୍ଣନା କରିବା ସଙ୍ଗେସଙ୍ଗେ ପରିଷଦର ବାର୍ଷିକ କାର୍ଯ୍ୟକ୍ରମର ବହୁ ପ୍ରଶଂସା କରିଥିଲେ। ସମ୍ମାନିତ ବକ୍ତା ନୀଳଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମସୁନ୍ଦର ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ ଫକୀରମୋହନଙ୍କ ରଚନାକୁ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଅନ୍ୟତମ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ ଫକୀରମୋହନଙ୍କ ପ୍ରବନ୍ଧର ବିଶଦ ଆଲୋଚନା କରି 'ବାଲେଶ୍ୱର ସମ୍ବାଦ ବାହିକା'ର ସୃଷ୍ଟିକାଳରୁ ଫକୀରମୋହନ ଛୋଟ ଛୋଟ ପ୍ରବନ୍ଧ ରଚନା କରୁଥିଲେ ବୋଲି ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆଗତ ପ୍ରତିଭାଧର ସୁରେନ୍ଦ୍ର କୁମାର ରାଉତ, ସୁଷମା ମହାପାତ୍ର, ରମେଶ ଚନ୍ଦ୍ର ଦାଶ, ବ୍ରଜେନ୍ଦ୍ର ଗିରି, ମାଧୁରୀମଣି ରଥ, ପ୍ରଦୀପ୍ତ ଦାସ, ଗୁରୁ ଗଙ୍ଗାଧର ସେଠୀ, ଭୋଳାନାଥ ତ୍ରିପାଠୀ, ନୃସିଂହ ଚରଣ ନାୟକ, ଡ. ରାମଚନ୍ଦ୍ର ନାୟକ, ହରେକୃଷ୍ଣ ଦାସ, ରବିନ ଚନ୍ଦ୍ର ଦାସ, ପଦ୍ମଲୋଚନ ଦତ୍ତ, ଡ. ଅନନ୍ତ କୁମାର ପ୍ରଧାନ, ବସନ୍ତଲତା ପଟ୍ଟନାୟକ ଓ ଲୋକନାଥ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ହରିଶ୍ଚନ୍ଦ୍ର ବେହେରାଙ୍କଦ୍ୱାରା ରଚିତ, ହେମେନ୍ଦ୍ର କୁମାର ମହାପାତ୍ର ଓ ଧର୍ମପଦ ନନ୍ଦୀଙ୍କଦ୍ୱାରା ନିର୍ଦ୍ଦେଶିତ 'ରେବତୀ' ନାଟକରେ ଅଭିନୟ କରିଥିବା ଜ୍ୟୋତ୍ସ୍ନା ରାୟ, ବାସନ୍ତୀ କର, ସଙ୍ଗୀତା ବାରିକ, ଶେଫାଳି ତ୍ରିପାଠୀ, ଶାନ୍ତିଲତା ବିଶି, କୃଷ୍ଣା ପ୍ରଧାନ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଶାନ୍ତିଲତା ପଣ୍ଡା, ଅଞ୍ଜଳି ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, ସୁନାମଣି ଜେନା, କଲ୍ୟାଣୀ ନନ୍ଦ, ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର, ମାହେଶ୍ୱରୀ ଦାସ, ପ୍ରାଚୀ ପ୍ରଯୁକ୍ତା ପଢ଼ିଆରୀ ଓ ସୁଷମା ମହାପାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପରିଷଦର ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟରେ ପରିଷଦର ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, ରାଜେଶ କୁମାର ଗିରି, ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଦେବାଶିଷ ସିଂହ, ରମାକାନ୍ତ ମହାନ୍ତି, ରଜନୀକାନ୍ତ ବେହେରା, ବିଷ୍ଣୁପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଯୁବ ସପ୍ତାହର ସାଂସ୍କୃତିକ ଦିବସ



କପ୍ତିପଦା,୧୬/୦୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବିଶୋଳ ଗ୍ରାମସ୍ଥିତ ୟୁଥ କ୍ଲବ ପରିସରରେ ପ୍ରତିବର୍ଷ ପରି ଚଳିତ ଜାନୁଆରୀ ୧୨ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଯୁବ ସପ୍ତାହ ଓ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ସମାରୋହ ପାଳିତ ହେଉଛି। ଏଥିପାଇଁ ୧୪ ତାରିଖ ଶନିବାରଟିକୁ 'ସାଂସ୍କୃତିକ ଦିବସ'ରୂପେ ପାଳନ କରାଯାଇଛି। ଏହି ଅବସରରେ ମକର ମିଳନ, ଫକୀର ମୋହନ ଜୟନ୍ତୀ ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇ ଯାଇଛି। ବିଶୋଳ ୟୁଥ କ୍ଲବର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାମଗ୍ରୀକ ଭାବରେ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ ଦିବସକୁ ଉଦ୍‌ଘାଟନ କରିବା ସହ ଓଡ଼ିଆ ଭାଷାକୁ ବଂଚାଇ ରଖିବା ପାଇଁ ଫକୀର ମୋହନଙ୍କ ଅବଦାନ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଶ୍ୟାମସୁନ୍ଦର ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଓଡ଼ିଆ ଭାଷା ପ୍ରତି କିପରି ବର୍ତ୍ତମାନ ବିପଦ ମାଡ଼ି ଆସୁଛି, ଏହାକୁ ବଂଚାଇ ରଖିବା ପାଇଁ ପ୍ରସ୍ତୁତ ନହେଲେ ଖୁବ ଶିଘ୍ର ଓଡ଼ିଆ ଭାଷା ଲୋପ ପାଇଯିବ ବୋଲି ବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ମନୋରଂଜନ ମଲ୍ଲିକ ଓ ସୁବ୍ରତ କୁମାର ମେହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମକର ମିଳନ କିପରି ଓଡ଼ିଆ ସଂସ୍କୃତି ସହିତ ଜଡ଼ିତ ବ୍ୟକ୍ତ କରିବା ସହ ମୟୂରଭଞ୍ଜରେ ମକର ପର୍ବର ବାସ୍ନା ନିଆରା ବୋଲି କହିଥିଲେ। ଏହାପରେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କ୍ଲବର ସଂପାଦକ ଦିଲ୍ଲିପ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଶିଷ ମଲ୍ଲିକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ।

## ପାରିବାରିକ କଳହରୁ କରୁଣ ପରିଣତି : ଗୋଡ଼େଇ ଗୋଡ଼େଇ ହାଣି ହତ୍ୟାକଲେ ବଂଶଧର

ନୀଳଗିରି,୧୬/୦୧ (ନି.ପ୍ର): ରାଗ ବ୍ରହ୍ମଚଣ୍ଡାଳ। ହିଂସ୍ରତା ର ଚରମସୀମାରେ ପହଂଚି ନିଜ ବଂଶଧରର ଜଣେ ଲୋକକୁ ବର୍ବରୋଚିତ ହତ୍ୟା କରିବା ଘଟଣା ନୀଳଗିରି ବ୍ଲକ ସିଆଡ଼ିମାଳ ପଂଚାୟତ ବାଙ୍କିଶୋଳ ଗ୍ରାମର ଜଣେ ଆଦିବାସୀକୁ ହତ୍ୟା କରିଛନ୍ତି ନିଜ ବଂଶଧରର ସଦସ୍ୟ। ସୂଚନା ଅନୁଯାଇ ବାଙ୍କିଶୋଳ ଗ୍ରାମର ଶ୍ୟଶମସୁନ୍ଦର ସିଂ (୪୮) ନିଜ ପରିବାର ର କିଛି ସଦସ୍ୟ ଏବଂ ବଂଶଧର ମାନଙ୍କ ସହିତ ଦୀର୍ଘଦିନ ଧରି ପାରିବାରିକ ମନୋମାଳିନ୍ୟ ରହିଆସିଥିଲା। ଶେଷରେ ରାଗ ଚରମ ସୀମାରେ ପହଂଚି ସୋମବାର ଦିନ ଶ୍ୟାମସୁନ୍ଦରଙ୍କୁ ବଂଶଧରମାନେ ସଂଘବଦ୍ଧ ଭାବରେ ଗୋଡ଼େଇ ଗୋଡ଼େଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଶ୍ୟାମସୁନ୍ଦର ସିଂଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ଘଟଣାରେ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ମୃତ ଶ୍ୟାମସୁନ୍ଦରଙ୍କ ପତ୍ନୀ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି।

## ଭାରତର କରୋନା ଟୀକାକରଣ ଅଭିଯାନ ସାରା ବିଶ୍ୱ ପାଇଁ ଏକ ମଡେଲ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୬/୦୧ (ନି.ପ୍ର): ଭାରତର କରୋନା ଟୀକାକରଣ ଅଭିଯାନ ସାରା ବିଶ୍ୱ ପାଇଁ ଏକ ମଡେଲ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଟ୍ୱିଟ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଯେଉଁ ବେଗରେ ଓ ଯେଉଁ ମାତ୍ରାରେ ଭାରତରେ କରୋନା ଟୀକାକରଣ ଅଭିଯାନ କରାଯାଇଛି ତାହା ସମ୍ପୂର୍ଣ୍ଣ ବିଶ୍ୱ ପାଇଁ ଏକ ମଡେଲ। କରୋନା ଟୀକାକରଣ ଅଭିଯାନର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆମର ସାମୁହିକ ସଂକଳ୍ପ ଓ ଭାବନାକୁ ନେଇ ପ୍ରସନ୍ନ ହେବାର ଆଉ ଏକ ସମୟ ବୋଲି ସେ ସେ କହିଛନ୍ତି।

## ଜୟଦେବରେ ଜୋର ଧରିଲା ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦାବି




ଭୁବନେଶ୍ୱର,୧୬/୦୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦାବି ଏବେ ଜୋର ଧରିଛି। ଏନେଇ ଆଜି ଜୟଦେବ ନିର୍ବାଚନ ମଣ୍ଡଳୀ ଅଧୀନ ବାଲକାଟି ସ୍ଥିତ ଦୁଲ୍ଲା ଦେବୀ ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ସନ୍ତୋଷ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ପେ ?ରଷର ସଂପାଦକ ଅସିତ ମହାନ୍ତି ଯୋଗ ଦେଇ କହିଲେ ବାସ୍ତବରେ ବିଭିନ୍ନ ଦିଗରୁ ତୁଳନାତ୍ମକ ପରିସଂଖ୍ୟାନ ଦୃଷ୍ଟିରୁ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ପ୍ରଦାନ କରାଯିବା ପ୍ରସ୍ତାବ ବାସ୍ତବରେ ଯଥାର୍ଥ ଆଉ ଯୁକ୍ତିଯୁକ୍ତ। ଭୁବନେଶ୍ୱର ଜିଲ୍ଲା ଘୋଷଣା ହେଲେ ବରଂ ଖୋର୍ଧାର ଗୁରୁତ୍ୱ ବୃଦ୍ଧି ପାଇବ। ଖାଲି ଦୂରତା ଏକ ଜିଲ୍ଲା ଗଠନ ପାଇଁ ଯୋଗ୍ୟତାର ମାନଦଣ୍ଡ ନୁହେଁ, ଅନ୍ୟ କିଛି ନିର୍ଦ୍ଦିଷ୍ଟ ପ୍ରମୁଖ କାରଣ ତଥା ସୁବିଧା ପାଇଁ ଭୁବନେଶ୍ୱରକୁ ଜିଲ୍ଲା ଘୋଷଣା କରାଯିବା ଅଧିକ ଗ୍ରହଣୀୟ ବୋଲି କହିଥିଲେ। ଭୁବନେଶ୍ୱରକୁ ନୂତନ ଜିଲ୍ଲା ମାନ୍ୟତା ପ୍ରଦାନ ନେଇ ନିର୍ଦ୍ଧାରିତ କାର୍ଯ୍ୟ ଖସଡ଼ା ଆଧାରରେ ନିରବଚ୍ଛିନ୍ନ ଭାବେ ସାମୂହିକ ପ୍ରଚେଷ୍ଟା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରଜନୀ ରଞ୍ଜନ ଦାଶ, ଗବେଷକ ପ୍ରଫୁଲ ତ୍ରିପାଠୀ, ମହାପୁରୁଷ ଶିଶୁ ଅନନ୍ତ ସ୍ମୃତି ସଂସଦର ସଂପାଦିକା ତନୟା ଦାସ ଶିଶୁ ଗୋସ୍ୱାମୀ , ସମିତି ସଭ୍ୟ ଗଙ୍ଗାଧର ମାହାରି, ପୂର୍ବତନ ବ୍ଲକ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ସମିତି ସଭ୍ୟ ନାରାୟଣ ସାହୁ, ସୁବ୍ରତ ମହାନ୍ତି ଏବଂ ସୋମନାଥ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଶ୍ରୀଜଙ୍ଗ ମିନିଷ୍ଟାଡିୟମରେ ଆରମ୍ଭ ହେଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୧୬/୦୧ (ନି.ପ୍ର): ରେମୁଣା ବ୍ଲକ୍‌ସ୍ତରୀୟ ମିନି ଷ୍ଟାଡିୟମ ଶ୍ରୀଜଙ୍ଗ ପଡ଼ିଆରେ ଗତ ତା।୧୫.୦୧.୨୩ରିଖରେ ପ୍ରଥମ କରି ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶ୍ରୀଜଙ୍ଗ ମିନିଷ୍ଟାଡିୟମ ବିକାଶ କମିଟି ତଥା ଯୁବ କ୍ରୀଡ଼ାପ୍ରେମୀ ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ସରପଞ୍ଚ କବିତା ସେଠୀ ଓ ସମିତି ସଭ୍ୟ ଗଣେଶ ମଲିକ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଖେଳ ସମାପ୍ତି ପରେ ପୁରସ୍କାର ପ୍ରଦାନ ଉତ୍ସବରେ ଜିଲ୍ଲାବିଜେଡି ଏସ୍‌ସି ସେଲ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୋପାଳପୁରର ଗ୍ରୀନ୍ ଗେଲାସ୍କିଟିମ୍‌କୁ ନଗତ ଅର୍ଥରାଶି ତଥା ଟ୍ରଫି ପ୍ରଦାନ କରିବା ସହିତ ଆୟୋଜକମାନଙ୍କୁ ଧନ୍ୟବାଦ ଦେଇ ଉତ୍ସାହିତ କରିଥିଲେ। ଷ୍ଟାଡିୟମ କମିଟିର ସଭାପତି ସତ୍ୟନାରାୟଣ ଦାସ ଓ ସଂପାଦକ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରନରସ ଟିମ୍ ବାହାନଗାକୁ ନଗଦ ଅର୍ଥ ଓ କପ୍ ପ୍ରଦାନ କରିଥିଲେ। ପ୍ରର୍ବତନ ସମିତିସଭ୍ୟ ମିଥୁନ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଯୁବନେତା ଅଶୋକ ମଲିକ, ସାଗର ମଲିକ, ବଂଶୀଧର ମଲିକ, ତପନ ମଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଆମ୍ପାୟାର ଭାବେ ରତିକାନ୍ତ ଦାସ ଓ ତନ୍ମୟ ଦାସ ଖେଳ ପରିଚାଳନା କରିଥିଲେ। ୬ ଓଭର ଖେଳରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗିରୀଶ ପରିଡ଼ା ଘୋଷକ ଭାବେ କର୍ଯ୍ୟ କରିଥିବା ବେଳେ ସ୍କୋରର ଭାବେ ଜତୀନ ଦାସ କାର୍ଯ୍ୟ ସଂପାଦନ କରିଥିଲେ। ଦିବସ ବ୍ୟାପୀ ଖେଳକୁ ପଞ୍ଚାୟତବାସୀ ଉପଭୋଗ କରିଥିଲେ।

## ଭାରତୀୟ ପୋଷ୍ଟାଲ ଏମ୍ପ୍ଲୋୟିଜ୍ ଆସୋସିଏସନର ଦ୍ୱିବାର୍ଷିକ ଜିଲ୍ଲା ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ



ଭଦ୍ରକ,୧୬/୦୧ (ନି.ପ୍ର): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଭାରତୀୟ ପୋଷ୍ଟାଲ ଏମ୍ପ୍ଲୋୟିଜ୍ ଆସୋସିଏସନ (ବିପିଇଏ)ର ଦ୍ୱିବାର୍ଷିକ ଜିଲ୍ଲା ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଡାକଘର ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀ ସଭାରେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟ ରବୀନ୍ଦ୍ର ନାଥ ମହାକୁଡ଼ ପୌରୋହିତ୍ୟ କରିଥିଲେ। ବିପିଇଏ ଗ୍ରେଡ 'ସି' ର ସମ୍ପାଦକ ଶୋଭନ ମହାନ୍ତି ଆଭିମୁଖ୍ୟ ଓ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଡାକ ଅଧୀକ୍ଷକ ଭଦ୍ରକ ନକୁଳ ବେହେରା ଯୋଗ ଦେଇ ଡାକ କର୍ମଚାରୀଙ୍କ ମଧ୍ୟରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ସରକାର ନେଉଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଅତିଥି ବିପିଇଏ ସର୍କଲ ସମ୍ପାଦକ ରାଜକିଶୋର ମହାପାତ୍ର ଅସୁବିଧା ଗୁଡ଼ିକ ଦୃଷ୍ଟି ଆକର୍ଷଣ କରିଥିଲେ। ଡାକ ବିଭାଗରେ କାର୍ଯ୍ୟରତ ବହୁ କର୍ମଚାରୀଙ୍କ ଚାକିରିରେ ରହିଥିବା ଅସମାନତା ଦୂରୀକରଣ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ବରେଣ୍ୟ ଅତିଥି ଜିଡିଏସ୍ ସର୍କଲ ସଭାପତି ହେମନ୍ତ କୁମାର ରାୟ ଯୋଗ ଦେଇ ଏହି ସର୍କଲର କାର୍ଯ୍ୟାବଳୀ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଏହା ସମଗ୍ର ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହିଥିବା ସୂଚନା ଦେଇଥିଲେ। ଅତିଥି ଓଡ଼ିଶା ଆଶା ସଂଘର ରାଜ୍ୟ ନେତୃତ୍ୱ ମୁକ୍ତିକାନ୍ତ ସାହୁ ଏବଂ ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ ଧଳ ଯୋଗ ଦେଇ ଭାରତୀୟ ମଜଦୂର ସଂଘ ଏବଂ ବିପିଇଏ ମିଳିତ ଭାବେ କିପରି ସଂଗଠନକୁ ଆଗକୁ ନେବେ ଏବଂ ଏହାର କଳେବର ବୃଦ୍ଧି ଦିଗରେ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୋଷ୍ଟାଲ କର୍ମଚାରୀ ଧୀରେନ୍ଦ୍ର କୁମାର ଜେନା ଏବଂ ଉମେଶ ଚନ୍ଦ୍ର କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବିପିଇଏ ଗ୍ରେଡ଼ 'ସି'ର ସଭାପତି ଭାବେ ପ୍ରିୟବ୍ରତ ଦ୍ୱିବେଦୀ, ସମ୍ପାଦକ ଶୋଭନ କୁମାର ମହାନ୍ତି, ଜିଡ଼ିଏସ୍ ସଂଘର ସଭାପତି ଗୋବିନ୍ଦ ଚନ୍ଦ୍ର ମିଶ୍ର, ସମ୍ପାଦକ ଦେବାଶିଷ ଦାସ, ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ ସଂଘର ସଭାପତି ଶିବପ୍ରସାଦ ଦାସ, ସମ୍ପାଦକ ଭାବେ ଶଶିକାନ୍ତ ଗିରିଙ୍କୁ ଚୟନ କରାଯାଇଥିଲା। ଶେଷରେ ପ୍ରିୟବ୍ରତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ରେ ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର,୧୬/୦୧ (ନି.ପ୍ର): ଆସନ୍ତା ୨୨ ତାରିଖରେ ସ୍ଥାନୀୟ ପରମିଟ ପଡ଼ିଆରେ ଆୟୋଜିତ ହେବାକୁ ଯାଉଥିବା ବାର୍ଷିକ ଭେଟରାନ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଭେଟେରାନ କ୍ରୀଡ଼ା ସଂଘ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା କର୍ମକର୍ତ୍ତାମାନେ କହିଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୪୦ ବର୍ଷରୁ ୮୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ଉଭୟ ପୁରୁଷ ଓ ମହିଳା ଭେଟରାନ କ୍ରୀଡ଼ାବିତ ଅଂଶଗ୍ରହଣ କରିପାରିବେ। ମହିଳାମାନଙ୍କ ପାଇଁ ୱାକ, ଦୌଡ଼, ଡିକସ ଥ୍ରୋ, ଜେଭଲିନ ଥ୍ରୋ, ଫୁଟବଲ, ଭଲିବଲ, ମ୍ୟୁଜିକ ଚେୟାର ପ୍ରଭୃତି ବିଭାଗ ଓ ପୁରୁଷଙ୍କ ପାଇଁ ୱାକ, ଦୌଡ଼, ଫୁଟବଲ, ଭଲିବଲ, ସାଇକେଲ ଚାଳନା, ମୋଟର ସାଇକେଲ ଚାଳନା, ଦୌଡ଼ିଟଣା ଆଦି ଧାର୍ଯ୍ୟ ସମୟ ମଧ୍ୟରେ କ୍ରୀଡ଼ା ସଂଘର ସମ୍ପାଦକ ପଦ୍ମଲୋଚନ ଲେଙ୍କା ସୂଚନା ଦେଇଛନ୍ତି।

## ଦେବୋତ୍ତର କମିଶନର ପୂର୍ବତନ ସଚିବଙ୍କ ପରଲୋକ

ଭୁବନେଶ୍ୱର,୧୬/୦୧ (ନି.ପ୍ର): ଓଡ଼ିଶା ଦେବୋତର କମିଶନରଙ୍କ ଅବସରପ୍ରାପ୍ତ ସଚିବ ଜାମିନୀକାନ୍ତ ସ୍ୱାଇଁଙ୍କର ୮୪ବର୍ଷ ବୟସରେ ତାଙ୍କ ସାମନ୍ତରାପୁର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କର ପତ୍ନୀଙ୍କ ସମେତ ଦୁଇ ପୁଅ ଓ ଚାରି ଝିଅ ଅଛନ୍ତି। ନିଜ ଗ୍ରାମ ସାଲେପୁର ବ୍ଲକ ନିକଟସ୍ଥ ବାରବୋଡ଼ିଆ ଗ୍ରାମରେ ତାଙ୍କର ଶବ ସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ନିତ୍ୟ ପ୍ରକାଶ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ବାରବୋଡ଼ିଆ ଗ୍ରାମର ଉ.ପ୍ରା. ମଧ ଇଂରାଜୀ ବିଦ୍ୟାଳୟର ସେ ପ୍ରତିଷ୍ଠାତା ଥିଲେ। ସେ ବହୁ ଜନହିତ କାର୍ଯ୍ୟରେ ସେ ନିଜକୁ ସମ୍ପୃକ୍ତ ରଖିଥିଲେ। ସେ ଜଣେ ସରଳ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଭାବେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ଭୁବନେଶ୍ୱର ସମେତ ସାଲେପୁର ଅଂଚଳରେ ଶୋକର ଛାୟା ଖେଳିଯାଇଅଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo